## ସଂକ୍ଷେପରେ

### ଝରିଗାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ଆୱାର୍ଡ

ଝରିଗାଁ, ୨୯।୩(ସ୍ୱ.ପ୍ର.)- ନବରଙ୍ଗପୁର ଜିଲାର ୭ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କାୟାକଳ୍ପ ରନର୍ସ ଅପ୍ ଆୱାର୍ଡ ପାଇଛି। ସେଗୁଡ଼ିକ ହେଲା ପୂଜାରୀଗୁଡ଼ା, ଝରିଗାଁ, କୋଷାଗୁମୁଡ଼ା, ସାନମୋସିଗାଁ, ନନ୍ଦାହାଣ୍ଡି, ହାଟଭରଣ୍ଡି ଏବଂ ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର। ସେହିପରି ଜିଲାରେ ୧୪ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କାୟାକଳ୍ପ ସମ୍ମାନ ପାଇଛି। ଏଥିରେ ଝରିଗାଁ ବ୍ଲକର ଧୋଡ୍ରା, ଇଚ୍ଛାପୁର, କୋଦଭଙ୍ଗା, ଫୁଂଫୁଗାଁ ଏବଂ ବେଲଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନ ମିଳିଛି। ସେହିପରି ଝରିଗାଁ ବ୍ଲକର ବାଣୁଆଗୁଡ଼ା, ବକଡ଼ାବେଡ଼ା, ଡଙ୍ଗରିଗୁଡ଼ା ଏବଂ ଧାମନାଗୁଡ଼ା ଉପ ସ୍ୱାସ୍ଥ୍ୟକେନ୍ଦ୍ରକୁ ମଧ କାୟାକଳ୍ପ ଆୱାର୍ଡ ମିଳିଛି। ଗ୍ରାମାଞ୍ଚଳରେ ସାଧାରଣ ଲୋକଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ସହ ମେଡିକାଲ ପରିବେଶ କିପରି ସର୍ବଦା ସ୍ୱଚ୍ଛ ରହିବ ସେଥିପ୍ରତି ଗୁରୁତ୍ୱ ଦିଆଯାଉ ବୋଲି ସ୍ଥାନୀୟ ମେଡିକାଲ ଅଧିକାରୀ ଡାକ୍ତର ପ୍ରକାଶ ଚନ୍ଦ୍ର ନାୟକ କହିଛନ୍ତି। ଝରିଗାଁ ବ୍ଲକରେ କାର୍ଯ୍ୟରତ ସମସ୍ତ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସହଯୋଗ ଓ ପରିଶ୍ରମ ଯୋଗୁ କାୟାକଳ୍ପ ଆୱାର୍ଡ ମିଳୁଛି ବୋଲି ଡାକ୍ତର କହିଛନ୍ତି।

### ମା' ମାର୍କମା କଲେଜରେ କ୍ୟାରିୟର କାଉନସେଲିଂ



ବିଷମକଟକ, ୨୯।୩(ଡି.ଏନ୍.ଏ.)-ରାୟଗଡା ଜିଲା ବିଷମକଟକ ବ୍ଲକର ମା' ମାର୍କମା କଲେଜରେ ମଙ୍ଗଳବାର କ୍ୟାରିୟର କାଉସିଲିଂ କାର୍ଯ୍ୟକ୍ରମ କରାଯାଇଛି। ଯୁକ୍ତ ୩ ଶେଷ ବର୍ଷର ଛାତ୍ରୀଛାତ୍ରଙ୍କ ପାଇଁ ଏହା କରାଯାଇଛି। କ୍ରାଯ୍ୟକ୍ରମରେ ମୁନିଗୁଡା ତହସିଲଦାର ଦେବାଶିଷ ଗୌଡ଼ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କଲେଜ ଅଧକ୍ଷ ବି. ରବିଶଙ୍କର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ସେମାନେ କିଭଳି ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚିବେ ସେ ସମ୍ପର୍କରେ ଅତିଥି ମତ ଦେଇଥିଲେ। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ଅଧକ୍ଷ ନିରଞ୍ଜନ ପାଢ଼ୀ, ଅଧାପିକା ଦୀପ୍ତିରାଣୀ ମିଶ୍ର ପରିଚାଳନା କରିଥିଲେ।

### ବାୟୋ କାର୍ବନ ଫଣ୍ଡ ଦ୍ୱାରା ଚାଷୀଙ୍କୁ ସହାୟତା



ରାୟଗଡା ଅଫିସ, ୨୯।୩- ଜେକେ କାଗଜ କଳ ଏବଂ ବେଦା କ୍ଲାଇମେଟ ଚେଞ୍ଜ ସଲ୍ୟୁସନ ଲିମିଟେଡର ମିଳିତ ସହଭାଗିତାରେ ବିଶ୍ୱ ବ୍ୟାଙ୍କର ବାୟ କାର୍ବନ ଫଣ୍ଡ ଦ୍ୱାରା ଚାଷୀଙ୍କୁ କାର୍ବନ କ୍ରେଡିଟ ବିକ୍ରି ପାଇଁ ଅତିରିକ୍ତ ଅର୍ଥ ପ୍ରଦାନ କରାଯାଇଛି। ଆନ୍ଧ୍ର ପ୍ରଦେଶର ବିଶାଖାପାଟଣାରେ ୧୪୫୫ ଚାଷୀଙ୍କୁ ୯୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଚାଷୀମାନେ ଏଗରୋ ଫରେଷ୍ଟ୍ରି ମାଧମରେ କାର୍ବନ ହ୍ରାସରେ ସହଯୋଗ କରିଛନ୍ତି। ତେଣୁ ବିଶ୍ୱ ବ୍ୟାଙ୍କ ତରଫରୁ ଜେକେ କାଗଜ କଳର ବନିକରଣ ପାଇଁ ଅତିରିକ୍ତ ଅର୍ଥ ରାଶି ପ୍ରଦାନ ହୋଇଛି। ଜେକେ କାଗଜ କଳ ଉପସଭାପତି ବିଶ୍ୱଜିତ ଦ୍ୱିବେଦୀ ଯୋଗଦେଇ ଚାଷୀଙ୍କୁ ଚେକ ପ୍ରଦାନ କରିଥିଲେ। ଏଥିରେ ବେଦାର ସଭାପତି ଏମ୍‌ସତ୍ୟ ନାରାୟଣ, ବିଶାଖାପାଟଣା ଚିଡିଆଖାନା ନିର୍ଦ୍ଦେଶିକା ନଳିନୀ ସାଲାରିଆ, ଇସ୍ରୋ ବୈଜ୍ଞାନିକ ସି.ବି.ଏସ୍ ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ।

### ଜିଲା ଜଜ୍‌ଙ୍କ ଚନ୍ଦାହାଣ୍ଡି କୋର୍ଟ ପରିଦର୍ଶନ

ଚନ୍ଦାହାଣ୍ଡି, ୨୯।୩(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ତଥା ଦୌରା ଜଜ୍ ସଞ୍ଜୀବ କୁମାର ଦୁବେ ମଙ୍ଗଳବାର ଚନ୍ଦାହାଣ୍ଡି ପ୍ରଥମ ଶ୍ରେଣୀ ବିଚାରପତିଙ୍କ ଅଦାଲତ ପରିଦର୍ଶନ କରିଛନ୍ତି। ଚନ୍ଦାହାଣ୍ଡି ବ୍ଲକ ସିନାପାଲି ନିକଟସ୍ଥ ଆମ୍ବତୋଟାରେ ନୂତନ ଭାବେ ପ୍ରସ୍ତାବିତ ଜେଏମ୍‌ଏଫ୍‌ସି କୋର୍ଟ କୋଠା ନିର୍ମାଣ ପାଇଁ ଚିହ୍ନଟ ହୋଇ ଥିବା ସ୍ଥାନ ପରିଦର୍ଶନ କରିଥିଲେ। ନୂତନ କୋର୍ଟ ନିର୍ମାଣ ହେବାକୁ ଥିବା ଜାଗା ଚନ୍ଦାହାଣ୍ଡି ବ୍ଲକ ମହକୁମାରୁ ୩ କିମି ଦୂର ଏବଂ ଏଠାରେ ଏକ ବିରାଟ ନାଳ ଥିବାରୁ ଜିଲା ଜଜ୍ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଥିସହ ଅନ୍ୟତ୍ର ଜାଗା ଚିହ୍ନଟ କରିବାକୁ ଚନ୍ଦାହାଣ୍ଡି ତହସିଲଦାର ଜି. ରଶ୍ମିରେଖାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ଜଜ୍ ଚନ୍ଦାହାଣ୍ଡି ଜେଏମ୍‌ଏଫ୍‌ସି କୋର୍ଟ ପରିଦର୍ଶନ ସହ ନଥିପତ୍ର ଯାଞ୍ଚ କରିଥିଲେ। କୋର୍ଟରେ ବିଭିନ୍ନ ସମସ୍ୟା ନେଇ ଜେଏମଏଫ୍‌ସି ହିମାଂଶୁ ଶେଖର ଆଚାର୍ଯ୍ୟ ଜଜ୍‌ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜଜ୍‌ଙ୍କ କ୍ଷେତ୍ର ପରିଦର୍ଶନବେଳେ ଅତିରିକ୍ତ ତହସିଲଦାର ନୀଳାମ୍ବର ପୂଜାରୀ, ଅତିରିକ୍ତ ରାଜସ୍ୱ ନିରୀକ୍ଷକ ଅନନ୍ତ ସିହ୍ନା, ଓକିଲ ମହମ୍ମଦ ହୁସେନ, ଜୟଦେବ ଖମାରୀ, କ୍ଷେମରାଜ ବାଘ, କୋର୍ଟ କର୍ମଚାରୀ ଉପସ୍ଥିତ ଥିଲେ।

# ସୀମାନ୍ତ ଜଙ୍ଗଲ ଜମିକୁ ନେଇ ବିବାଦ, ମାମଲା ଥାନାରେ

ପଟ୍ଟାଙ୍ଗୀ, ୨୯।୩(ଡି.ଏନ.ଏ.)

ସୀମାନ୍ତ ସ୍ଥାନରେ ରହିଥିବା ଓଡ଼ିଶାର ଜଙ୍ଗଲ ଜମିକୁ ନେଇ ଓଡ଼ିଶା ଓ ଆନ୍ଧ୍ରର ଦୁଇ ଗ୍ରାମବାସୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇ ପୋଲିସ ନିକଟରେ ଲିଖିତ ଅଭିଯୋଗ ହୋଇଛି। କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ ସମ୍ପାଇ ପଞ୍ଚାୟତର ଆନ୍ଧ୍ର ସୀମାନ୍ତକୁ ଲାଗି ଥିବା ସୁନାବେଡା ଗ୍ରାମବାସୀଙ୍କ ସହ ଆନ୍ଧ୍ର ବିଶାଖାପାଟଣା ଜିଲା ଡୁମୁରିଗୁଡା ତହସିଲ ଟେକାପାର ଗ୍ରାମବାସୀଙ୍କ



ଅଭିଯୋଗପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

କ୍ଷେତ୍ରରେ ଏପରି ଦେଖିବାକୁ ମିଳିଛି।

ଖବରରୁ ଜଣାପଡ଼ିଛି ସୁନାବେଡା ଗ୍ରାମ ନିକଟରେ ଥିବା ମୂଷାପାର ପାହାଡ଼ର ଜଙ୍ଗଲଜମି ଓଡ଼ିଶାର ରେକର୍ଡରେ ରହିଛି। ଏହି ଜଙ୍ଗଲଜମି ଉପରେ ଓଡ଼ିଶାର ସୁନାବେଡା ଗ୍ରାମବାସୀ ପୂର୍ବପୁରୁଷରୁ ଚାଷ କରି ଚଳୁଥିବାବେଳେ ଉକ୍ତ ଜମିକୁ ଆନ୍ଧ୍ରର ଟେକାପାର ଗ୍ରାମର ଭୋଇ ରାମଚନ୍ଦ୍ର, ତାମାଲ ପୋତାନା ଜୋର ଜବରଦସ୍ତ ଅକ୍ତିଆର କରି ସୋମବାର ଚାଷ କରିଥିଲେ। ଏହି ସମୟରେ ସୁନାବେଡା ଗ୍ରାମର ଭଞ୍ଜୀ ଗେମେଲ ପ୍ରତିବାଦ କରିଥିଲେ। ଆନ୍ଧ୍ରର ଭୋଇ ରାମଚନ୍ଦ୍ର, ତାମାଲ ପୋତାନା ଭଞ୍ଜୀଙ୍କୁ ଆକ୍ରମଣ କରିଥିଲେ। ଏହି ଘଟଣାକୁ ନେଇ ମଙ୍ଗଳବାର ଜାମୁଗୁଡା, ନୁଆଁଗୁଡା ଏବଂ ସୁନାବେଡା ଗ୍ରାମର ଗ୍ରାମବାସୀ ଜିଲା ପରିଷଦ ସଭ୍ୟ ଲଇଚନ ଖରା , ତାଉଡୁ ଦୋରା ଏବଂ ସମ୍ପାଇ ସରପଞ୍ଚ କିଶୋର ଚନ୍ଦ୍ର ଖରା ପ୍ରମୁଖଙ୍କ ସହଯୋଗରେ ଭଞ୍ଜୀ ଥାନାରେ ଲିଖିତ ଅଭିଯୋଗ କରଛନ୍ତି। ପଟ୍ଟାଙ୍ଗୀ ତହସିଲଦାରଙ୍କ ଦାୟିତ୍ୱରେ ଥିବା ବିଡିଓ ସୌମ୍ୟସାର୍ଥକ ମିଶ୍ରଙ୍କ ଏକ ଅଭିଯୋଗ ପତ୍ର ଦେଇଛନ୍ତି। ସୂଚନାଯୋଗ୍ୟ, ଏହି ଜଙ୍ଗଲ ଜମିକୁ ନେଇ ୨୦୨୦ ଅକ୍ଟୋବରରେ ବିବାଦ ଉଗ୍ର ରୂପ ନେଇଥିଲା। ଫଳରେ ପ୍ରଶାସନକୁ ହସ୍ତକ୍ଷେପ କରିବାକୁପଡିଥିଲା। କୋରାପୁଟର ତତ୍କାଳୀନ ଜିଲାପାଳ ମଧୁସୂଦନ ମିଶ୍ରଙ୍କ ତତ୍ତ୍ୱାବଧାନରେ ଦୁଇ ରାଜ୍ୟର ପ୍ରଶାସନିକ ଅଧିକାରୀ ମାଡ୍ରାସ ପ୍ରେସିଡେନ୍ସି ମ୍ୟାପକୁ ଆଧାର କରି ଜଙ୍ଗଲ ଜମି ମାପଚୁପ ହୋଇ ବିବାଦର ଆପୋଷ ସମାଧାନ ହୋଇଥିଲା।

## ଶହୀଦ୍ ଲକ୍ଷ୍ମଣ ନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ



ବୈପାରିଗୁଡା, ୨୯।୩ (ଡି.ଏନ୍.ଏ.)

ମହାନ୍ ସ୍ୱାଧୀନତା ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାୟକଙ୍କ ଶ୍ରାଦ୍ଧ ଦିବସ ତାଙ୍କ ଜନ୍ମମାଟି ବୈପାରିଗୁଡା ବ୍ଲକ ଅନ୍ତର୍ଗତ ତେନ୍ତୁଳିଗୁମ୍ମାଠାରେ ମଙ୍ଗଳବାର ପାଳିତ ହୋଇଛି। ଏହି ଅବସରରେ ଜିଲା ପରିଷଦ ଅଧକ୍ଷା ସସ୍ମିତା ମେଲକା, ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ, ଜିଲା ପରିଷଦ ସଭ୍ୟ ରାଜେଶ ମହୁରିଆ,ମଣି ଜାନି, ବିଡିଓ ଅଭିମନ୍ୟୁ କବିଶତପଥୀ, ଜୟପୁର ଉପଜିଲାପାଳ ବେଦବର ପ୍ରଧାନ, ଜୟପୁର ସୂଚନା ଅଧିକାରୀ ଯଶୋଦା ଗାଦବା ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାଧୀନତା ସଂଗ୍ରାମୀ ଶହୀଦ୍ ଲକ୍ଷ୍ମଣ ନାୟକଙ୍କ ସମାଧୀ ପୀଠକୁ ଯାଇ ଅତିଥିମାନେ ଶ୍ରଦ୍ଧାଞ୍ଜଳି କରିଥିଲେ। ପରେ ଅନୁଷ୍ଠିତ ସଭାରେ ସଂଗ୍ରାମୀ ଶହୀଦଙ୍କ ସ୍ୱାଧୀନତା ସଂଗ୍ରାମରେ ତାଙ୍କର ବଳିଦାନର ସ୍ମୃତିଚାରଣ କରିଥିଲେ।

# ଗୋଟିଏ ପରିବାରରେ ସ୍ୱାମୀଙ୍କୁ ୪, ସ୍ତ୍ରୀଙ୍କୁ ଗୋଟିଏ ପଦବୀରେ ନିଯୁକ୍ତି

ରେମାଲକାନଗିରି, ୨୯।୩ (ଡି.ଏନ.ଏ.)

■ ଗ୍ରାମସାଥୀ, ଜଳଛାୟା ପ୍ରକଳ୍ପରେ ସେକ୍ରେଟାରି

■ ଟ୍ରାକ୍ଟର ଭେଣ୍ଡରର ସହ ବିଏଫ୍‌ଟି ପଦବୀ ମାଡ଼ି ବସିଛନ୍ତି କର୍ଣ୍ଣ

ମାଲକାନଗିରି ଜିଲା ମାଥିଲି ବ୍ଲକର ଗାଙ୍ଗରାଜଗୁମ୍ମା ଗ୍ରାମର ଗୋଟିଏ ପରିବାରର ସ୍ୱାମୀଙ୍କୁ ୪ଟି ପଦରେ ନିଯୁକ୍ତି ମିଳିଥିବା ବେଳେ ସ୍ତ୍ରୀଙ୍କୁ ଗୋଟିଏ ପଦବୀରେ ନିଯୁକ୍ତି ମିଳୁଛି। ସାଧାରଣତଃ ସରକାରୀ ସ୍ତରରେ ନିଯୁକ୍ତିଟିଏ ପାଇବା କଷ୍ଟକର ହେଉଥିବା ବେଳେ ଉକ୍ତ ଗ୍ରାମର ସମ୍ପୃକ୍ତ ପରିବାରର ମୁଖ୍ୟଙ୍କୁ ୪ଟି ନିଯୁକ୍ତି ମିଳିବା ସାଧାରଣରେ ଆଲୋଚନାର ବିଷୟ ହୋଇଛି। ଗ୍ରାମର କର୍ଣ୍ଣ ଦୁରୁଆ ଗାଙ୍ଗରାଜଗୁମ୍ମା ଗ୍ରାମର ଗ୍ରାମସାଥୀ ଅଛନ୍ତି। ଏଥିସହ ସେ ମାଥିଲି ଜଳଛାୟା ପ୍ରକଳ୍ପରେ ଗାଙ୍ଗରାଜଗୁମ୍ମା ଗ୍ରାମର ସେକ୍ରେଟାରି ହୋଇଛନ୍ତି। କର୍ଣ୍ଣଙ୍କ ନାମରେ ଟ୍ରାକ୍ଟର ଭେଣ୍ଡର ରହିଛି। ସେ ମଧ ବିଏଫ୍‌ଟି ପଦବୀରେ ରହିଛନ୍ତି। ତାଙ୍କ ସ୍ତ୍ରୀ ତାରାବତୀ ଦୁରୁଆ ମଧ ସେହି ଗ୍ରାମରେ ଗ୍ରାମସାଥୀ ରହିଛନ୍ତି। ଏମ୍‌ଜିଏନ୍‌ଆଇଜିଏସ୍ ଯୋଜନାରେ ହେଉଥିବା କାର୍ଯ୍ୟରେ ଉଭୟେ ଶ୍ରମିକଙ୍କୁ କାମ କରାଇ ଅର୍ଥ ଦେଉ ନ ଥିବା ଅଭିଯୋଗ ହେଉଛି। ଶ୍ରମିକମାନଙ୍କ ଲକ୍ଷାଧିକ ଟଙ୍କା ଉଭୟେ ଆତ୍ମସାତ୍ କରିଥିବା ଜଣାପଡିଛି। ଏ ସମ୍ପର୍କରେ ମାଥିଲି ବିଡିଓ ଆଶିଷ କୁମାର ଭୋଇଙ୍କୁ ପଚାରିବାରୁ ସେ କହିଲେ, ଏହିଘଟଣା ତାଙ୍କ ନଜରକୁ ଆସିଛି। ସେ ଏହାର ତଦନ୍ତ କରୁଛନ୍ତି। ତେବେ କର୍ଣ୍ଣ ବିଏଫ୍‌ଟି ଅଛନ୍ତି କି ନାହିଁ ତାହାର ତଦନ୍ତ ଜାରି ରହିଛି। ତେବେ ଉଭୟ ସ୍ୱାମୀ ସ୍ତ୍ରୀ ଗୋଟିଏ ଗ୍ରାମରେ ଗ୍ରାମସାଥୀ ରହିଥିବା ନେଇ ଯେଉଁ ଅଭିଯୋଗ ଆସିଛି ତାହାର ତଦନ୍ତ ସରିଛି। ତାହା ଏକ ରାଜସ୍ୱ ଗ୍ରାମ ହୋଇଥିବାରୁ ୨ଜଣ ସେଠାରେ ଗ୍ରାମସାଥୀ ରହିପାରିବେ।

# କୋରାପୁଟରେ ଉନ୍ମୋଚନ ହେଲା ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି




ଉନ୍ମୋଚନ ହୋଇଥିବା ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି ।

କୋରାପୁଟ,୨୯।୩(ସ୍ୱ.ପ୍ର)

କୋରାପୁଟଠାରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, କ୍ରାନ୍ତିବୀର ଶହୀଦ ଲକ୍ଷ୍ମଣ ନାୟକଙ୍କ ତିରୋଧାନ ଦିବସ ମଙ୍ଗଳବାର ଜିଲା ପ୍ରଶାସନ ପକ୍ଷରୁ ପାଳିତ ହୋଇଛି। ଏହି ଅବସରରେ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ ଛକଠାରେ ଶହୀଦଙ୍କ ଏକ ନୂତନ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୋରାପୁଟ ଜିଲାପାଳ ଅବଦାଲ ଏମ. ଅଖତାର ଯୋଗଦେଇ ଶହୀଦଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରି ତାଙ୍କ ସଂଗ୍ରାମୀ ଜୀବନର ସ୍ମୃତିଚାରଣ କରିଥିଲେ। ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ, ଉପଜିଲାପାଳ ଲଳିତ କହଁର, ନବନିର୍ବାଚିତ କୋରାପୁଟ ପୌରାଧକ୍ଷ ଲଲାଟ ରଞ୍ଜନ ସେଠୀ, ଜିଲା ପରିଷଦ ଅଧକ୍ଷା ସସ୍ମିତା ମେଲେକା, ଜିଲା ପରିଷଦ ଉପାଧକ୍ଷ ରାଧା ବିନୋଦ ସାମନ୍ତରାୟ, ସମାଜିକ କର୍ମୀ କାମାକ୍ଷ ପ୍ରସାଦ ମାଝି, ଜିଲା କଂଗ୍ରେସର ପୂର୍ବତନ କାର୍ଯ୍ୟକାରୀ ସଭାପତି ରୁପକ ତୁରୁକ, ପଦ୍ମନାଭ ମାଝି, ବୈକୁଣ୍ଠ ମଣ୍ଡଳଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ଶହୀଦଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସେହିପରି କୋରାପୁଟ ବସଷ୍ଟାଣ୍ଡଠାରେ ଥିବା ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ମଧ ଜିଲା ପ୍ରଶାସନର ଅଧିକାରୀ ଓ ଲୋକ ପ୍ରତିନିଧିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

## ସାପ କାମୁଡ଼ାରେ ଜଣେ ମୃତ

ପଡିଆ, ୨୯।୩(ଡି.ଏନ୍.ଏ.)

ମାଲକାନଗିରି ଜିଲା ପଡିଆ ବ୍ଲକ ନିଲିଗୁଡା ପଞ୍ଚାୟତ ଚେରକୁଗୁଡା ଗ୍ରାମର ଜଣେ ବ୍ୟକ୍ତିଙ୍କର ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ଆଇତା ମାଡକାମି। ସୋମବାର ଅଇତା ଘରଠାରୁ କିଛି ଦୂରରେ ଥିବା ଏକ ମହୁଲ ଗଛ ତଳୁ ମହୁଲ ଗୋଟାଉଥିବା ବେଳେ ଏକ ସାପ ତାଙ୍କ ଡାହାଣ ଗୋଡ଼କୁ କାମୁଡି ଦେଇଥିଲା। ତାଙ୍କ ପାଟି ଶୁଣି ଆଖପାଖ ଲୋକେ ଆସି ତାଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆଇତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ପଡ଼ିଆ ପୋଲିସ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ୩/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ରାଜଭୋଗ ଖାଇ ମନ୍ଦିରକୁ ଫେରିଲେ ମା'

କୋରୁକୋଣ୍ଡା ୨୯।୩(ଡି.ଏନ.ଏ.)

**ସରିଲା ବଡଯାତ୍ରା**

ମାଲକାନଗିରି ଜିଲାର ପ୍ରସିଦ୍ଧ ଗଣପର୍ବ କୋରୁକୋଣ୍ଡାର ବଡଯାତ୍ରା ଚୈତ୍ର ମାସର ପ୍ରଥମ ମଙ୍ଗଳବାର ମଧ୍ୟରାତ୍ରରେ ଶେଷ ହୋଇଛି। ରବିବାର ମଧ୍ୟରାତ୍ରିରେ ମାଣ୍ଡିଆଭଟାରୁ ଶୋଭାଯାତ୍ରାରେ ମାଉଳି ପହଞ୍ଚିବା ପରେ ସୋମବାର ଓ ମଙ୍ଗଳବାର ଦୁଇଦିନ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ଏହି ଅବସରରେ ଶ୍ରଦ୍ଧାଳୁମାନେ ମା'ଙ୍କ ପୂଜାର୍ଚ୍ଚନା କରିଥିଲେ। କୋରୁକୋଣ୍ଡା ଅଞ୍ଚଳର ବିଭିନ୍ନ ସ୍ଥାନରୁ ଆସିଥିବା ଲାଠିଧରୀ ପୂଜାରୀମାନେ ଯାତ୍ରାରେ ସାମିଲ ହୋଇଥିଲେ। ମଙ୍ଗଳବାର ମଧ୍ୟରାତ୍ରରେ ରାଜଭୋଗ ଖାଇ ମା' ମାଉଳି ମନ୍ଦିରକୁ ଫେରିଥିଲେ। ବିଭିନ୍ନ ସ୍ଥାନରୁ ଆସିଥିବା ଲାଠିଧାରୀଙ୍କୁ ମା' ମଉଳି ପୂଜା କମିଟି ପକ୍ଷରୁ ପାରମ୍ପରିକ ରୀତିନୀତି ଅନୁସାରେ ବିଦାୟ କରାଯାଇଥିଲା। ଯାତ୍ରାରେ ଶ୍ରଦ୍ଧାଳୁଙ୍କ ସୁବିଧା ଲାଗି ଜିଲା ଓ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରାଥମିକ ଚିକିତ୍ସା ଏବଂ ପାନୀୟ ଜଳ ବ୍ୟବସ୍ଥା କରାଯାଇଥିଲା। ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଅଗ୍ନିଶମ ସେବା ଓ ପୋଲିସ ନିୟୋଜିତ ହୋଇଥିଲେ ବୋଲି ପୂଜା କମିଟି ସଭାପତି କୈଳାସ ଚନ୍ଦ୍ର ଦୋରା କହିଛନ୍ତି। ମନ୍ଦିର ପୂଜକ ବଳରାମ ପୂଜାରୀ, ତ୍ରିନାଥ ରଞ୍ଜିତ, କୈଳାସ ଚେଟୀ, ଗୋପବନ୍ଧୁ ଚାଲାଣ, ସୁନାଧାର ଚାଲାଣ, ବଳି ଗଉଡ, ରାମେଶ୍ୱର ଗଉଡ, ନରେନ୍ଦ୍ର ଭଣ୍ଡାରି, ବନମାଳୀ ପ୍ରଧାନୀ ରବି ମାଡିଙ୍କ ସ୍ମେତ ଅନ୍ୟମାନେ ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ।

# କୋଭିଡ ଟିକା ନେଲେ ୭୪ ଜଣ ଛାତ୍ରୀଛାତ୍ର

କୋରାପୁଟ, ୨୯।୩(ସ୍ୱ.ପ୍ର)

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ମଙ୍ଗଳବାର କୋରାପୁଟ ସହରର ପୁଜାରିପୁଟଠାରେ ଥିବା ସେଣ୍ଟସ ସ୍କୁଲର ୭୪ ଜଣ ଛାତ୍ରୀଛାତ୍ର ମଙ୍ଗଳବାର କୋଭିଡ ଟିକା ନେଇଛନ୍ତି। ବିଦ୍ୟାଳୟ ଅଧକ୍ଷ ସାଇ କୁମାରଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ କୋରାପୁଟ ଗାନ୍ଧୀନଗର ସ୍ୱାସ୍ଥ୍ୟକେନ୍ଦ୍ରର ଡି.ଶ୍ରୀ ନିବାସ ରାଓ, ଶିକ୍ଷୟତ୍ରୀ ଦିପା ମଞ୍ଜରୀଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ ।

## ଦାମନଯୋଡିରେ ଭାରତ ବନ୍ଦର ପ୍ରଭାବ

ଦାମନଯୋଡି,୨୯।୩(ଡି.ଏନ.ଏ.)

କେନ୍ଦ୍ର ସରକାରଙ୍କ ଶ୍ରମନୀତି ବିରୋଧରେ ବିଭିନ୍ନ ଟ୍ରେଡ ୟୁନିୟନ ଡାକରାରେ ହୋଇଥିବା ଦୁଇଦିନିଆ ବନ୍ଦରେ ଦାମନଯୋଡିର ବିଭିନ୍ନ ଶ୍ରମିକ ସଙ୍ଗଠନ ସାମିଲ ହୋଇଥିଲେ। ଏ ନାଲକୋ ବିଶୋଧନାଗାର ରାସ୍ତାର ଶହୀଦ ଲକ୍ଷ୍ମଣ ନାୟକ ଛକରେ ଦରଦାମ ନିୟନ୍ତ୍ରଣ କରିବା, ୪ ଶ୍ରମକୋର୍ଡ ବାତିଲ କରିବା, ନାଲକୋର ଘରୋଇକରଣ ବନ୍ଦ କରିବା, ଶ୍ରମିକମାନଙ୍କୁ ସର୍ବନିମ୍ନ ମଜୁରି, ସମାନ କାମକୁ ସମାନ ମଜୁରୀ, ଠିକାଶ୍ରମିକଙ୍କୁ ସ୍ଥାୟୀ କରିବା ଆଦି ଦାବି ନେଇ ବିଭିନ୍ନ ଶ୍ରମିକ ସଂଗଠନ ହରତାଳ କରିଥିଲେ। ପିକେଟିଂ ଯୋଗୁ ନାଲକୋକୁ ବହୁ ଶ୍ରମିକ ସଠିକ ସମୟରେ ଯାଇପାରି ନ ଥିଲେ। ଆନ୍ଦୋଳନରେ ଦାମନଯୋଡି ଭାରୀ ଓ ହାଲୁକା ମୋଟରଯାନ କର୍ମଚାରୀ ସଂଘ,



ଆଲୁମିନା ଶ୍ରମିକ ସଂଘ, ନବନିର୍ମାଣ ଠିକାଶ୍ରମିକ ସଂଘ, ନାଲକୋ ମାସ୍ ଶ୍ରମିକ ସଂଘ ଆଦି ସଙ୍ଗଠନର ଶ୍ରମିକମାନେ ସାମିଲ ହୋଇଥିଲେ। ଏ ସେହିପରି ନାଲକୋ ଟାଉନସିପ ସେକ୍ଟର-୩ ସ୍ଥିତ ଟିଆରଏସ ଫାଟକ ସମ୍ମୁଖରେ କୋରାପୁଟ ଆଲୁମିନିୟମ ଶ୍ରମିକ ସଂଘ, ହିନ୍ଦ ମଜଦୁର ସଭା ଏବଂ ଲେବର ପୋଗ୍ରେସିଭ ଫେଡେରେଶନର ଶ୍ରମିକମାନେ ଆନ୍ଦୋଳନ କରିଥିଲେ।

# 'ଦେଶ ସ୍ୱାଧୀନତା ପାଇଁ ବଳିଦାନ ଦେଇଛନ୍ତି ଲକ୍ଷ୍ମଣ ନାୟକ'

ରାୟଗଡ ଅଫିସ/ନବରଙ୍ଗପୁର (ବି.ପ୍ର.), ୨୯।୩

ରାୟଗଡ଼ା ଓ ନବରଙ୍ଗପୁରର ବିଭିନ୍ନ ସ୍ଥାନରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ସହରର ମାନ୍ୟଗଣ୍ୟ ଲୋକମାନେ ଶହୀଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ଣ କରି ତାଙ୍କ ବଳିଦାନ କଥା ମନେ ପକାଇଥିଲେ।

ରାୟଗଡ଼ା ଶାସ୍ତ୍ରୀନଗରରେ ଥିବା ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି। ଜିଲାପାଳ ସରୋଜ କୁମାର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ରାଜ୍ୟସଭା ସଦସ୍ୟ ଏନ୍. ଭାସ୍କର ରାଓ ମୁଖ୍ୟ ଅତିଥି, ରାୟଗଡ଼ା ନଗରପାଳ ମହେଶ ପଟ୍ଟନାୟକ, ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା, ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ , ଶିକ୍ଷାବିତ୍ ଡ଼ଃ.ଦଷ୍ମନ୍ତ ମହାନ୍ତି , ବରିଷ୍ଠ ନାଗରିକ ଗୋପୀ ସାହୁ ଓ ଶହୀଦ ଲକ୍ଷ୍ମଣ ନାୟକ ଯୁବକ ସଂଘ ସଦସ୍ୟମାନେ ଉପସ୍ଥିତ ଥିଲେ। ସହରର ବୁଦ୍ଧିଜୀବୀ, ଖବରଦାତା, ଶାସ୍ତ୍ରୀନଗର ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷକ ଏବଂ ଆର୍‌ଏସ୍‌ଇଡବ୍ଲ୍ୟୁସି ବିଦ୍ୟାଳୟର ଛାତ୍ରୀଛାତ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଡିଆଇପିଆର୍‌ଓ ବସନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

ବିଦ୍ୟାପୀଠରେ ମଧ ଶହୀଦଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଛି। ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଡକ୍ଟର କମଳ ଲୋଚନ ମିଶ୍ର ମୁଖ୍ୟ ଅତିଥି, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଅବସରପ୍ରାପ୍ତ ପ୍ରଫେସର୍ ଡକ୍ଟର ବିଜୟ ମିଶ୍ର, ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷୟତ୍ରୀ ଜେମାମଣି ବିଶୋଇ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଲକ୍ଷ୍ମଣ ନାୟକ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ ଇଂରେଜଙ୍କ ବିରୋଧରେ ଲଢେଇ କରି ବଳିଦାନ ଦେଇଛନ୍ତି ବୋଲି ଅତିଥିମାନେ କହିଥିଲେ। ଡିଆଇପିଆର୍‌ଓ ହଳଧର ନିଆଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ, ସହରର ବିଶିଷ୍ଟ ବ୍ୟକ୍ତି, ଖବରଦାତା ଉପସ୍ଥିତ ଥିଲେ।



ନବରଙ୍ଗପୁରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶହୀଦଙ୍କ ପ୍ରତିମୂର୍ତ୍ତି ନିକଟରେ ଉପସ୍ଥିତ ଅତିଥିମାନେ।

# ଫୋକ୍ ଡ୍ୟାନ୍ସ, ରୋଲ ପ୍ଲେରେ ଡାବୁଗାଁ ଛାତ୍ରୀଙ୍କ ବାଜିମାତ




ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ ।

ଡାବୁଗାଁ, ୨୯।୩ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ଡାବୁଗାଁ ସରକାରୀ ବାଳିକା ଉଚ୍ଚ ମାଧମିକ ବିଦ୍ୟାଳୟର ଛାତ୍ରୀମାନେ ଜିଲାସ୍ତରୀୟ ଫୋକ୍ ଡ୍ୟାନ୍ସ ଓ ରୋଲ ପ୍ଲେ ପ୍ରତିଯୋଗିତାରେ ପ୍ରଥମ ହୋଇଛନ୍ତି। ଏଥିସହ ପ୍ରବନ୍ଧ,ତର୍କରେ ମଧ ଛାତ୍ରୀମାନେ ପ୍ରଥମସ୍ଥାନ ଅଧିକାର କରିଛନ୍ତି।

ନବରଙ୍ଗପୁର ଆରସିଡ଼ି ହାଇସ୍କୁଲରେ ଅନୁଷ୍ଠିତ ଫୋକ୍ ଡ୍ୟାନ୍ସରେ ଦଶମ ଶ୍ରେଣୀ ଛାତ୍ରୀ ଅଞ୍ଜଳି ଜାନୀ, ବନ୍ଦିତା ସୁନାନି, ରୁମିତା ଗଣ୍ଡ, ବବିତା ସାନ୍ତା, ଗାୟତ୍ରୀ ମାଝି ଓ କବିତା ମେହେର ପ୍ରଥମ ହୋଇଥିଲେ। ସେମାନଙ୍କୁ ୧୫୦୦ ଟଙ୍କା ସହ ମାନପତ୍ର ମିଳିଛି। ସେହିପରି ଦଶମ ଶ୍ରେଣୀ ଛାତ୍ରୀ ଅମିତା ଭତ୍ରା ବକ୍ତୃତାରେ ପ୍ରଥମ ଓ ରୁନିତା ସାନ୍ତା ପ୍ରବନ୍ଧ ଲିଖନରେ ପ୍ରଥମ ହୋଇଛନ୍ତି। ଭୁବନେଶ୍ୱରରେ ୩୧ ତାରିଖରେ ହେବାକୁ ଥିବା ରାଜ୍ୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ଅମିତା ଭାଗ ନେବେ। ଶ୍ରମିକ ଦିବସ ଅବସରରେ ଜିଲାରେ ପୁରସ୍କାର ଦେବାର କାର୍ଯ୍ୟକ୍ରମ ରହିଛି। ବିଦ୍ୟାଳୟର କ୍ରୀଡା ଶିକ୍ଷୟତ୍ରୀ ରଶ୍ମିରାଣୀ ପଣ୍ଡା ଓ ସହକାରୀ ଶିକ୍ଷୟତ୍ରୀ ସୁଦେସ୍ନା ଜତିଙ୍କ ନେତୃତ୍ୱରେ ଛାତ୍ରୀମାନେ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ।

# ଜଳ ସମସ୍ୟା ସମାଧାନ ଦାବି କଲେ ବିଧାୟକ

ଉମରକୋଟ, ୨୯।୩(ସ୍ୱ.ପ୍ର.)

ଉମରକୋଟ ପୋରାଞ୍ଚଳରେ ଜଳ ସମସ୍ୟା ଦେଖାଦେଇଛି। ଉମରକୋଟ ନିର୍ବାଚନ ମଣ୍ଡଳୀ ପୋରାଞ୍ଚଳ ଲୋକଙ୍କୁ ଶୀଘ୍ର ଜଳ ଯୋଗାଇବାକୁ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ବିଧାନସଭାରେ ଦାବି ଉଠାଇଛନ୍ତି। ଏଠାରେ ଏକ ମେଗା ଜଳ ଯୋଗାଣ ପ୍ରକଳ୍ପ କାମ ଚାଲିଛି। ଯାହାର ଅବଧି ସାରିଯାଇଛି। ତଥାପି ପ୍ରକଳ୍ପ ଜଳ ଯୋଗାଣରେ ବିଫଳ ହୋଇଛି। ପ୍ରକଳ୍ପ କାମ ଶୀଘ୍ର ସାରି ପୌର ପରିଷଦ ଲୋକଙ୍କୁ ପାଣି ଯୋଗାଇଦେବାକୁ ବିଧାନସଭାରେ ବିଧାୟକ ଦାବି କରିଛନ୍ତି।

# ପାର୍ଲାମେଣ୍ଟରେ ଆଦିବାସୀ ମାନ୍ୟତା ଦାବି ଉଠାଇଲେ ଏମ୍‌ପି

ନବରଙ୍ଗପୁର,୨୯।୩(ବି.ପ୍ର.)

ନବରଙ୍ଗପୁର ଏମପି ନିଜ ସଂସଦୀୟ କ୍ଷେତ୍ର ମାଲକନିଗିରି ଜିଲାର କେତେକ ନିର୍ଦ୍ଦିଷ୍ଟ ଆଦିବାସୀ ସମ୍ପ୍ରଦାୟର ଲୋକଙ୍କୁ ଆଦିବାସୀ ଜନଜାତିର ମାନ୍ୟତା ଦେବାପାଇଁ ପାର୍ଲାମେଣ୍ଟରେ ଦାବି ଉପସ୍ଥାପନ କରିଛନ୍ତି। ମାଲକାନଗିରି ଜିଲାର ଚିତ୍ରକୋଣ୍ଡା ଅଞ୍ଚଳର ପପୁଲୁର, କୁର୍ମାନୁର, ରାଲେଗଡା, ଧୂଳିପୁଟ ଓ କାଲିମେଳା ବ୍ଲକର ବେଜିଂଗବାଡ଼ା, ତେଲେରାଇ ଓ ପଡିଆ ଅଞ୍ଚଳରେ କୋଣ୍ଡାରେଡି ସମ୍ପ୍ରଦାୟର ଲୋକେ ବହୁତ ଦିନ ହେଲା ରହିଆସୁଛନ୍ତି। ତେଣୁ ସେମାନଙ୍କୁ ଜନଜାତିର ମାନ୍ୟତା ଦିଆଯାଉ ବୋଲି ଏମ୍‌ପି ଦାବି ଉପସ୍ଥାପନ କରିଛନ୍ତି।

# ୨ ଛୁଆଙ୍କୁ ପିଠିରେ ବସାଇ ବୁଲୁଛି ମା' ଭାଲୁ

ନନ୍ଦାହାଣ୍ଡି,୨୯।୩(ଡି.ଏନ୍.ଏ.)

ଏକ ମା' ଭାଲୁ ନିଜର ଦୁଇ ଛୁଆଙ୍କୁ ପିଠିରେ ବସାଇ ରାସ୍ତା ପାରିହେବାର ଏକ ଭିଡିଓ ଭାଇରାଲ ହେଉଛି। ଘଟଣାଟି ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ସିନ୍ଧିଗୁଡ଼ା ଅଞ୍ଚଳର। ଖାଦ୍ୟ ଅନ୍ୱେଷଣରେ



ମା' ଭାଲୁଟି ନିଜ ଛୁଆଙ୍କୁ ଧରି ଜନବସତି ମୁହାଁ ହୋଇଛି।

ମା' ଭାଲୁଟି ନନ୍ଦାହାଣ୍ଡି-ନବରଙ୍ଗପୁରକୁ ସଂଯୋଗ କରୁଥିବା ରାସ୍ତାରେ ଦିନ ଦ୍ୱିପ୍ରହରରେ ଦୁଇ ଛୁଆଙ୍କୁ ଧରି ରାସ୍ତା ପାରହୋଇ ଜଙ୍ଗଲ ଭିତରକୁ ପଳାଇଥିଲା। ଏହି ସମୟରେ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଗାଡ଼ି ଅଟକି ରହିଥିଲା। ଲୋକମାନେ ମୋବାଇଲରେ ଫଟୋ ଏବଂ ଭିଡିଓ ଉତ୍ତୋଳନ କରିଥିଲେ। ଗତ କିଛିଦିନ ତଳେ ଗାଁ ପାଖ ଜଙ୍ଗଲ କଟାଯାଇଛି। ତେଣ ଭାଲୁ ରାସ୍ତାକୁ ଖାଦ୍ୟ ସଂଗ୍ରହ କରିବାକୁ ବାହାରିଥିବା ଅନୁମାନ କରାଯାଉଛି।

# ଜଳୁଛି ନବରଙ୍ଗପୁର, ସେମିଳିଗୁଡା ଜଙ୍ଗଲ

ନବରଙ୍ଗପୁର/ସେମିଳିଗୁଡା, ୨୯।୩ (ବି.ପ୍ର./ସ୍ୱ.ପ୍ର.)





ନବରଙ୍ଗପୁର ଓ ସେମିଳିଗୁଡା ଜଙ୍ଗଲରେ ଲାଗିଥିବା ନିଆଁ।

ନୀଳଗିରି ଜଙ୍ଗଲରେ ଲାଗିଥିଲା ନିଆଁ। ବନ ବିଭାଗ ଅପ୍ରାଣ ଉଦ୍ୟମ କରି ଶେଷରେ ଜଙ୍ଗଲ ନିଆଁକୁ ଲିଭାଇଛି। ନବରଙ୍ଗପୁର ସହର ନିକଟ କୁସୁମୀ ଗ୍ରାମସ୍ଥିତ ମଙ୍ଗଳମ୍ ଟିମ୍ବର ପ୍ଲାଏବୋର୍ଡ କାରଖାନା ସମ୍ମୁଖରେ ଥିବା ନୀଳଗିରି ଜଙ୍ଗଲରେ ସୋମବାର ବିଳମ୍ବିତ ରାତିରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ଚାହୁଁ ଚାହୁଁ ହଠାତ୍ ନିଆଁ ଚାରିଆଡେ ବ୍ୟାପିଯାଇଥିଲା। ନିଆଁର ପ୍ରକୋପ ଅଧିକ ଥିଲା। ସବୁଆଡେ ଧୂଆଁମୟ ହୋଇଯାଇଥିଲା। ଖବରପାଇ ଅଗ୍ନିଶମ ବିଭାଗର ଏକ ନିଆଁ ଲିଭା ଗାଡି ନିଆଁ ଲିଭାଇବାକୁ ପହଞ୍ଚି ଥିଲା। ଗୋଟିଏ ପଟେ ଜନବସତି ଓ ଅନ୍ୟପଟେ କାରଖାନାର କାଠ ଗୁଣ୍ଡ ଥିବାରୁ ନିଆଁ ବ୍ୟାପିବାର ଆଶଙ୍କା ରହିଥିଲା। ତେଣୁ ଅଗ୍ନିଶମ ବିଭାଗର କର୍ମକର୍ତ୍ତା ମାନେ ରାତି ସାରା ଜଗି ନିଆଁ ଲିଭାଇଥିଲେ। ବର୍ତ୍ତମାନ ସୁଦ୍ଧା କେଉଁ କାରଣରୁ ନିଆଁ ଲାଗିଛି ତାହା ସ୍ପଷ୍ଟ ହୋଇନି। ମଙ୍ଗଳବାର ସକାଳେ ନିଆଁ ସମ୍ପୂର୍ଣ୍ଣଭାବେ ଲିଭିଛି।

ଆଜିକୁ ୩ ଦିନ ହେଲା କୋରାପୁଟ ଜିଲା ସୁନାବେଡା ଚିକାପାର ଶିବମନ୍ଦିର ନିକଟରେ ଥିବା ଭାଲୁ ପାହାଡ଼ ଜଙ୍ଗଲରେ ନିଆଁ ଲାଗିଛି। ଏନେଇ ବନବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଜଙ୍ଗଲରେ ଥିବା ଅନେକ ମୂଲ୍ୟବାନ ଗଛ ଜଳି ନଷ୍ଟ ହୋଇଛି। ତୁରନ୍ତ ଜଙ୍ଗଲରୁ ନିଆଁ ଲିଭାଇବା ଲାଗି ଦାବି ହେଉଛି।

# ରିମାଣ୍ଡରେ ଶର୍ମିଷ୍ଠା, ନିରଞ୍ଜନଙ୍କ ସମେତ ୪ ଅଭିଯୁକ୍ତ

**କ୍ୟାମେରାମ୍ୟାନ୍ ମାନସ ହତ୍ୟା ଘଟଣା**

- କ୍ରାଇମ୍‌ବ୍ରାଞ୍ଚ ମୁଖ୍ୟ କାର୍ଯ୍ୟାଳୟରେ ମାରାଥନ ଜେରା
- ଚାଲିଛି ହତ୍ୟାର କାରଣ ଖୋଜା, ଫୋକସରେ ମେମୋରି ଚିପ୍
- ଆବଶ୍ୟକ ପଡ଼ିଲେ ଲାଏ ଡିଟେକ୍ସନ ଟେଷ୍ଟ ହେବ

ଭୁବନେଶ୍ୱର,(ବ୍ୟୁରୋ)/ କଟକ ଅଫିସ/ ଭଦ୍ରକ ଅଫିସ,୨୯ା୩

ବହୁଚର୍ଚ୍ଚିତ କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ମାମଲାରେ ଗିରଫ ହୋଇ ଜେଲ ଯାଇଥିବା ୮ଅଭିଯୁକ୍ତଙ୍କ ମଧ୍ୟରୁ ୪ଜଣଙ୍କୁ କ୍ରାଇମବ୍ରାଞ୍ଚ ମଙ୍ଗଳବାରଠାରୁ ୫ ଦିନିଆ ରିମାଣ୍ଡରେ ନେଇଛି। ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ତଥା 'ସମ୍ପୂର୍ଣ୍ଣ' ୱେବ୍ ଚ୍ୟାନେଲର ମାଲିକାଣୀ ଶର୍ମିଷ୍ଠା ରାଉତ, ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ପୂର୍ବତନ ବୈଷୟିକ ନିର୍ଦ୍ଦେଶକ ନିରଞ୍ଜନ ସେଠୀ, ସହଯୋଗୀ ଝୁନା ଭୋଇ ଓ ରାଜ୍ କମ୍ୟୁନିକେଶନ ମାଲିକ ରଞ୍ଜନ ନାୟକଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ମଙ୍ଗଳବାର ଭଦ୍ରକରୁ କଟକ ମୁଖ୍ୟାଳୟକୁ ଆଣି ପଚରାଉଚରା ଆରମ୍ଭ କରିଛି। ମାନସଙ୍କ ଅପହରଣ ଏବଂ ହତ୍ୟା ଘଟଣାରେ ଅଭିଯୁକ୍ତଙ୍କ ପରସ୍ପର ସହ କ'ଣ ସମ୍ପର୍କ ରହିଛି ସେନେଇ ଜେରା କରାଯାଉଛି। ଆବଶ୍ୟକ ପଡ଼ିଲେ ଅଭିଯୁକ୍ତଙ୍କ ଲାଏ ଡିଟେକ୍ସନ କରାଯିବା ସହ ସିନ ରିକ୍ରିଏଶନ କରାଯିବ ବୋଲି କ୍ରାଇମବ୍ରାଞ୍ଚ ଏଡିଜି ସଞ୍ଜୀବ ପଣ୍ଡା ସୂଚନା ଦେଇଛନ୍ତି।

ମାନସ ହତ୍ୟା ଘଟଣାରେ ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ଶର୍ମିଷ୍ଠା ଏବଂ ତାଙ୍କ ସହଯୋଗୀ ଝୁନା ଭୋଇଙ୍କୁ ଭଦ୍ରକ ନଲାଙ୍ଗ ନିକଟରୁ ଏକ ବସ୍‌ରୁ ଗିରଫ କରାଯିବା ପରେ ଉଭୟଙ୍କୁ ଚାନ୍ଦବାଲି କୋର୍ଟ ଚାଲାଣ କରାଯାଇଥିଲା। ଶର୍ମିଷ୍ଠା, ଝୁନାଙ୍କ ସମେତ ପୂର୍ବରୁ ଏହି ଘଟଣାରେ ଗିରଫ ହୋଇଥିବା ନିରଞ୍ଜନ ଏବଂ ରଞ୍ଜନଙ୍କୁ ରିମାଣ୍ଡରେ ନେବାକୁ କ୍ରାଇମବ୍ରାଞ୍ଚ ଜେଏମ୍ଏଫ୍‌ସି ଅଦାଲତରେ ଆବେଦନ କରିଥିଲା। କୋର୍ଟ ଏହି ଆବେଦନକୁ ଗ୍ରହଣ କରି ୪ ଅଭିଯୁକ୍ତଙ୍କୁ ୫ଦିନ ରିମାଣ୍ଡରେ ନେବାକୁ ଅନୁମତି ଦେଇଥିଲେ। ଏହି କ୍ରମରେ କ୍ରାଇମବ୍ରାଞ୍ଚର ଏକ ଟିମ୍ ମଙ୍ଗଳବାର ୪ ଅଭିଯୁକ୍ତଙ୍କୁ ଭଦ୍ରକ ଉପ କାରାଗାରରୁ ସକାଳ ୧୦ଟାରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ କଟକସ୍ଥିତ କ୍ରାଇମବ୍ରାଞ୍ଚ ମୁଖ୍ୟାଳୟକୁ ଆଣିଥିଲା। ମୁଖ୍ୟାଳୟରେ ସମସ୍ତ ୪ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ପୃଥକ ପୃଥକ ଭାବେ ଜେରା କରୁଛି। ମାନସଙ୍କୁ କାହିଁକି ହତ୍ୟା କରାଗଲା, ମେମୋରି ଚିପ୍‌ରେ କ'ଣ ଥିଲା, ଉକ୍ତ ମେମୋରି ଚିପ୍ ବର୍ତ୍ତମାନ କାହା ପାଖରେ ରହିଛି, ଅପହରଣଠୁ ହତ୍ୟା ପର୍ଯ୍ୟନ୍ତ କାହାର ଭୂମିକା କ'ଣ, ଏହି ଘଟଣାରେ ନିରଞ୍ଜନ ସେଠୀଙ୍କ ସମ୍ପୃକ୍ତ କ'ଣ, ଅନ୍ୟ କେଉଁମାନେ ଏଥିରେ ସମ୍ପୃକ୍ତି ଅଛନ୍ତି, ଏଭଳି ଅନେକ ଅସମାହିତ ପ୍ରଶ୍ନର ଉତ୍ତର ଖୋଜୁଛି କ୍ରାଇମବ୍ରାଞ୍ଚ ଟିମ୍। ବିଶେଷ କରି ଶର୍ମିଷ୍ଠାଙ୍କୁ ବିଭିନ୍ନ ଦିଗକୁ ନେଇ ପ୍ରଶ୍ନ ପଚାରୁଛି କ୍ରାଇମବ୍ରାଞ୍ଚ। ସମ୍ପୂର୍ଣ୍ଣ ୱେବ୍ ନ୍ୟୁଜ ପୋର୍ଟାଲ ଏବଂ ଦୟାଲ ଆଶ୍ରମ ପରିଚାଳନା ପାଇଁ ଟଙ୍କା କେଉଁଠୁ ଆସୁଥିଲା, ମାନସଙ୍କ ହତ୍ୟା ପଛରେ କେଉଁ ନେତା, ମନ୍ତ୍ରୀଙ୍କ ହାତ ରହିଛି କି, ନିରଞ୍ଜନଙ୍କ ସହ ତାଙ୍କର ସମ୍ପର୍କ କିପରି, ଏଭଳି ପ୍ରଶ୍ନ ତାଙ୍କୁ ପଚରାଯାଉଛି। ତେବେ ଏଯାବତ୍ ମେମୋରି ଚିପ୍‌ର ଖୋଜ୍‌ଖବର ମିଳୁ ନ ଥିବାରୁ ଅନେକ ପ୍ରଶ୍ନ ଉଙ୍କି ମାରୁଛି। ହତ୍ୟାକାଣ୍ଡକୁ ବହୁ ଦିନ ବିତିଯାଇଥିବା ବେଳେ ସାକ୍ଷ୍ୟ ପ୍ରମାଣ ପାଇବା କ୍ରାଇମବ୍ରାଞ୍ଚ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି। ତେବେ ରିମାଣ୍ଡର ଆଉ ୪ ଦିନ ବାକିଥିବା ବେଳେ କ୍ରାଇମବ୍ରାଞ୍ଚ ସମସ୍ତ ଅଭିଯୁକ୍ତଙ୍କୁ ସାମ୍ନାସାମ୍ନି ଜେରା କରିବ ବୋଲି ଜଣାପଡ଼ିଛି।



ଶର୍ମିଷ୍ଠାଙ୍କୁ ଜେଲରୁ ରିମାଣ୍ଡରେ ନିଆଯାଉଛି।

## ଫେରାର ପୂର୍ବରୁ ଶର୍ମିଷ୍ଠାଙ୍କ ଭିଡିଓ ଭାଇରାଲ୍

ଶର୍ମିଷ୍ଠା ଫେରାର ହେବା ପୂର୍ବରୁ ଏକ ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଛି। ମାନସଙ୍କ ସହ ଚାନ୍ଦବାଲି ଯାଇଥିବା ସହଯୋଗୀ ଦୀପକ ତାଙ୍କ ମା' ଓ ଶର୍ମିଷ୍ଠାଙ୍କ ମଧ୍ୟରେ କଥାବାର୍ତ୍ତା ହେଉଥିବା ଉକ୍ତ ଭିଡିଓରେ ଦେଖିବାକୁ ମିଳୁଛି। ଉକ୍ତ ଭିଡିଓଟି ମାର୍ଚ୍ଚ ୧ତାରିଖର ଏବଂ ଦୀପକ ଏହାକୁ ଶୁଟ୍ କରିଥିଲେ ବୋଲି କୁହାଯାଉଛି। ଅଣ୍ଡରଟେକିଂ ଲେଖାଇ ଚିପ୍ ରଖିବା ସହ ମାନସଙ୍କୁ ବିଦା କରି ଦେଇଥିଲେ ବୋଲି ଶର୍ମିଷ୍ଠା ସେଥିରେ ବାରମ୍ବାର କହୁଛନ୍ତି। ତେବେ ଶର୍ମିଷ୍ଠା ମିଛ କଥା କହି ପୋଲିସ ଓ ସମସ୍ତଙ୍କୁ ଭୁଆଁ ବୁଲାଉଥିଲେ ବୋଲି ଉକ୍ତ ଭିଡିଓରୁ ସ୍ପଷ୍ଟ ଜଣାପଡୁଛି।

## ଜେଲକୁ ଅତିଥି ହୋଇ ଆସୁଥିଲେ, ବିଚାରାଧୀନ ବନ୍ଦୀ ହୋଇ ରାତି କାଟିଲେ

ଜେଲ ପରିସରରେ ମହିଳା କଏଦୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଅତିଥି ହୋଇ ଅନେକ ଥର ଭଦ୍ରକ ଜେଲକୁ ଅତିଥି ହୋଇଆସିଥିବା ଶର୍ମିଷ୍ଠାଙ୍କୁ ସୋମବାର ସେହି ଜେଲରେ ବିଚାରାଧୀନ କଏଦୀ ଭାବେ ରାତି କଟାଇବାକୁ ପଡ଼ିଛି। ତଦନ୍ତକାରୀ ଅଧିକାରୀ ତଥା ଭଦ୍ରକର ଅତିରିକ୍ତ ଏସ୍‌ପି ଯତୀନ କୁମାର ପଣ୍ଡାଙ୍କ ସହ ଜେଲ ପରିସରରେ ଗୋଟିଏ ମଞ୍ଚରେ ବସିଥିବା ଶର୍ମିଷ୍ଠାଙ୍କ ଠିକଣା ଏବେ ଉପକାରାଗାରର ମହିଳା ସେଲ୍। ତାଙ୍କ ସହ ୧୧ ଜଣ ଅନ୍ୟ ମହିଳା କଏଦୀ ରହୁଛନ୍ତି। ଶର୍ମିଷ୍ଠା ସାଧାରଣ କଏଦୀ ଭଳି ମଙ୍ଗଳବାର ପୂର୍ବାହ୍ନ ସାଢ଼େ ୭ଟାରେ ଚୁଡ଼ା ସନ୍ତୁଳା ଓ ଘୁଗୁନି ଖାଇ ସନ୍ତୁଷ୍ଟ ହୋଇଥିଲେ।

# ଭିଜିଲାନ୍ସ ଜାଲରେ ସହକାରୀ ନିର୍ବାହୀ ଯନ୍ତ୍ରୀ

**ତାଳଚେର,୨୯ା୩(ନି.ପ୍ର.):** ଅନୁଗୋଳ ଜିଲା ତାଳଚେର ବାଘୁଆବୋଲସ୍ଥିତ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ (ଆର୍‌ଡବ୍ଲ୍ୟୁଏସ୍‌ଏସ୍) କାର୍ଯ୍ୟାଳୟର ସହକାରୀ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ ସାହୁ ମଙ୍ଗଳବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଠିକାଦାର ପ୍ରତାପ କୁମାର ପଟ୍ଟନାୟକଙ୍କ ଠାରୁ ୫୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଛନ୍ତି। ସମ୍ପୃକ୍ତ ଠିକାଦାରଙ୍କ ବକେୟା ବିଲ୍ ପାସ କରିବାକୁ ଯନ୍ତ୍ରୀ ସାହୁ ୫୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏ ନେଇ ଠିକାଦାର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ମୁତାବକ ଠିକାଦାରଙ୍କଠାରୁ ଯନ୍ତ୍ରୀ ଲାଞ୍ଚ ନେଉଥିବାବେଳେ ଜଗି ରହିଥିବା ଭିଜିଲାନ୍ସର ୫ ଜଣିଆ ଟିମ୍ ଯନ୍ତ୍ରୀଙ୍କୁ ଟଙ୍କା ସହ ଧରିଥିଲେ।

# ତାତୁଛି ଆଭ୍ୟନ୍ତରୀଣ ଓଡ଼ିଶା

**୪୦ ଡିଗ୍ରୀ ଉପରେ ୭ ସହର**

ଭୁବନେଶ୍ୱର,୨୯ା୩(ବ୍ୟୁରୋ)

ରାଜ୍ୟରେ ଅସହ୍ୟ ହେଉଛି ଖରା ତାତି। ବିଶେଷକରି ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ଅଧିକ ରହୁଛି। ଇତିମଧ୍ୟରେ ରାଜ୍ୟରେ ତାପମାତ୍ରା ୪୧ ଡିଗ୍ରୀ ଟପିଥିବାବେଳେ ଆଗକୁ ୪୪ ଡିଗ୍ରୀରୁ ଅଧିକ ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଆକଳନ କରିଛି। ତେବେ ବୁଧବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ଗ୍ରୀଷ୍ମପ୍ରବାହ ଜାରି ରହିବ ଓ ତାତି ଆହୁରି ବଢ଼ିବ। ବୁଧବାର ମୟୂରଭଞ୍ଜ, ବୌଦ୍ଧ, ସୋନପୁର, ବଲାଙ୍ଗୀର ଓ ବରଗଡ଼, ଗୁରୁବାର ଦିନ ଅନୁଗୋଳ, କଳାହାଣ୍ଡି, ସୋନପୁର, ବୌଦ୍ଧ, ବରଗଡ଼, ବଲାଙ୍ଗୀର ଓ ସମ୍ବଲପୁର ଏବଂ ଶୁକ୍ରବାର ସମ୍ବଲପୁର, ବୌଦ୍ଧ, ସୋନପୁର, ବରଗଡ଼, ବଲାଙ୍ଗୀର, କଳାହାଣ୍ଡି ଓ ଅନୁଗୋଳ ଜିଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ହେବ। ସେଥିପାଇଁ ଏ ସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଖରା ସମୟରେ ନବଜାତ, ବୃଦ୍ଧ ଓ ଅସୁସ୍ଥ ଲୋକଙ୍କୁ ଅଧିକ ସତର୍କ ରହିବାକୁ ପଡ଼ିବ। ସେହିଭଳି ମଧ୍ୟାହ୍ନ ୧୨ଟାରୁ ୩ଟା ମଧ୍ୟରେ ବାହାରକୁ ଗଲେ ପ୍ରାକ୍‌ସାବଧାନତା ଅବଲମ୍ବନ କରିବାକୁ ପାଣିପାଗ କେନ୍ଦ୍ର ଜନସାଧାରଣଙ୍କୁ ପରାମର୍ଶ ଦେଇଛି। ଏଥିସହିତ ଆବଶ୍ୟକ ନ ଥିଲେ ଖରା ସମୟରେ ବାହାରକୁ ନ ବାହାରିବା ପାଇଁ ସତର୍କ କରାଯାଇଛି।

ସେପଟେ ମଙ୍ଗଳବାର ୭ ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିଲା। ୪୧.୫ ଡିଗ୍ରୀ ସହ ଟିଟିଲାଗଡ଼ ରାଜ୍ୟର ଉତ୍ତପ୍ତ ସହର ପାଲଟିଥିବାବେଳେ ବଲାଙ୍ଗୀର ୪୧.୪, ସୋନପୁର ୪୧.୩, ବାରିପଦା ୪୧, ବୌଦ୍ଧ ୪୧, ଭବାନୀପାଟଣା ୪୦.୨ ଓ ସମ୍ବଲପୁରରେ ୪୦.୨ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ସେହିଭଳି ଝାରସୁଗୁଡ଼ା ୩୯.୮, ଅନୁଗୋଳ ୩୯.୭, ସୁନ୍ଦରଗଡ଼ ୩୯.୫, ତାଳଚେର ୩୯.୨, ହୀରାକୁଦ ୩୯.୧, ମାଲକାନଗିରି ୩୯, ଫୁଲବାଣୀ ୩୮.୬, ରାୟଗଡ଼ା ୩୮.୪, ନୟାଗଡ଼ ୩୮.୫, ଛତ୍ରପୁର ୩୮, ଭଦ୍ରକ ୩୭.୫, ପାରଳାଖେମୁଣ୍ଡି ୩୭.୫, କେନ୍ଦୁଝର ୩୭.୬, ଯାଜପୁର ୩୭, ବାଲେଶ୍ୱର ୩୭, ଚାନ୍ଦବାଲି ୩୭.୨, କଟକ ୩୬.୫ ଓ ଭୁବନେଶ୍ୱରର ତାପମାତ୍ରା ୩୬.୫ ଡିଗ୍ରୀ ରହିଥିବା ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

## ପ୍ରଥମ ପୃଷ୍ଠାରୁ

### ଆତ୍ମହତ୍ୟା: କଟକ...

ବେକାର ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ସରକାରୀ କିମ୍ବା ବେସରକାରୀ ସ୍ତରରେ ନିଯୁକ୍ତି ସୁଯୋଗ ହାତଗଣତି ରହୁଛି। ଫଳରେ ନିଯୁକ୍ତିରୁ ବଞ୍ଚିତ

| ପୋଲିସ ଜିଲା | ୨୦୧୬ | ୨୦୧୭ | ୨୦୧୮ | ୨୦୧୯ | ୨୦୨୦ | ୨୦୨୧ |
|---|---|---|---|---|---|---|
| ଭୁବନେଶ୍ୱର, ୟୁପିଡି | ୧୬୫ | ୨୮୬ | ୨୨୪ | ୨୯୦ | ୩୧୦ | ୨୮୨ |
| କଟକ, ୟୁପିଡି | ୩୪୯ | ୪୫୧ | ୪୮୧ | ୫୩୯ | ୬୩୦ | ୮୭୫ |
| କଟକ | ୪୩ | ୪୮ | ୪୮ | ୩୫ | ୫୧ | ୫୮ |
| ଜଗତ୍‌ସିଂହପୁର | ୪୬ | ୫୬ | ୫୪ | ୪୬ | ୮୯ | ୯୩ |
| ଯାଜପୁର | ୧୦୬ | ୧୪୩ | ୧୨୭ | ୧୧୫ | ୧୭୧ | ୧୭୬ |
| କେନ୍ଦ୍ରାପଡ଼ା | ୯୯ | ୭୪ | ୬୬ | ୬୭ | ୯୧ | ୮୭ |
| ପୁରୀ | ୯୯ | ୧୧୪ | ୧୪୯ | ୮୮ | ୧୭୨ | ୧୦୯ |
| ନୟାଗଡ଼ | ୨୬ | ୪୦ | ୩୦ | ୨୨ | ୫୭ | ୪୬ |
| ଖୋର୍ଦ୍ଧା | ୨୬ | ୭୦ | ୩୫ | ୬୧ | ୮୪ | ୭୪ |
| ବାଲେଶ୍ୱର | ୧୯୫ | ୧୮୫ | ୧୭୯ | ୧୭୮ | ୨୦୬ | ୧୮୮ |
| ଭଦ୍ରକ | ୧୯୪ | ୧୮୩ | ୧୭୧ | ୧୭୫ | ୨୧୪ | ୨୦୬ |
| ମୟୂରଭଞ୍ଜ | ୨୫୧ | ୨୩୬ | ୨୮୦ | ୨୪୯ | ୩୪୪ | ୨୮୦ |
| ସମ୍ବଲପୁର | ୩୩୫ | ୪୧୫ | ୪୮୦ | ୪୬୮ | ୫୧୪ | ୫୯୦ |
| ବରଗଡ଼ | ୧୦୬ | ୧୦୭ | ୧୧୨ | ୨୦୩ | ୧୪୧ | ୧୨୯ |
| ଝାରସୁଗୁଡ଼ା | ୭୧ | ୬୧ | ୭୪ | ୧୧୬ | ୮୨ | ୮୧ |
| ବଲାଙ୍ଗୀର | ୧୦୭ | ୧୦୭ | ୧୨୩ | ୧୧୯ | ୧୭୨ | ୧୪୧ |
| ସୋନପୁର | ୨୧ | ୩୩ | ୨୯ | ୨୩ | ୨୧ | ୩୨ |
| ଦେବଗଡ଼ | ୨୧ | ୨୭ | ୨୨ | ୨୨ | ୩୧ | ୨୪ |
| ଢେଙ୍କାନାଳ | ୪୯ | ୪୧ | ୪୯ | ୪୦ | ୬୯ | ୭୯ |
| ଅନୁଗୋଳ | ୧୪୭ | ୧୧୩ | ୧୧୧ | ୮୬ | ୧୨୧ | ୯୧ |
| ଗଞ୍ଜାମ | ୧୦୨ | ୮୨ | ୮୮ | ୧୨୧ | ୧୫୭ | ୧୨୫ |
| ଗଜପତି | ୨୫ | ୧୮ | ୨୩ | ୩୦ | ୨୭ | ୨୬ |
| ବ୍ରହ୍ମପୁର | ୨୫୧ | ୨୬୪ | ୨୭୯ | ୨୭୮ | ୩୦୮ | ୩୧୭ |
| କନ୍ଧମାଳ | ୩୩ | ୪୯ | ୫୮ | ୫୨ | ୬୯ | ୮୦ |
| ବୌଦ୍ଧ | ୧୮ | ୧୦ | ୧୦ | ୧୭ | ୨୪ | ୧୭ |
| କୋରାପୁଟ | ୮୮ | ୯୨ | ୧୩୮ | ୧୬୬ | ୧୭୩ | ୨୪୬ |
| ନବରଙ୍ଗପୁର | ୧୪୪ | ୧୬୪ | ୧୭୨ | ୧୮୬ | ୧୯୪ | ୧୯୨ |
| ରାୟଗଡ଼ା | ୪୪ | ୪୪ | ୫୫ | ୬୩ | ୪୫ | ୭୭ |
| ମାଲକାନଗିରି | ୩୩ | ୪୧ | ୭୩ | ୯୬ | ୧୧୨ | ୧୧୦ |
| କଳାହାଣ୍ଡି | ୭୮ | ୧୦୪ | ୮୬ | ୮୮ | ୧୧୫ | ୮୫ |
| ନୂଆପଡ଼ା | ୬୩ | ୬୨ | ୭୨ | ୭୪ | ୧୧୬ | ୧୦୮ |
| ସୁନ୍ଦରଗଡ଼ | ୮୭ | ୩୬ | ୧୨୦ | ୧୦୫ | ୧୧୭ | ୧୧୬ |
| କେନ୍ଦୁଝର | ୧୮୨ | ୧୯୧ | ୨୪୦ | ୨୧୧ | ୨୩୪ | ୨୪୭ |
| ରାଉରକେଲା | ୧୮୮ | ୧୧୮ | ୧୧୨ | ୧୩୨ | ୧୫୪ | ୧୪୮ |
| ଜିଆର୍‌ପି, କଟକ | ୬୦ | ୫୬ | ୩୭ | ୩୭ | ୨୪ | ୬୦ |
| ଜିଆର୍‌ପି, ରାଉରକେଲା | ୩୨ | ୩୦ | ୪୦ | ୩୮ | ୪୩ | ୫୪ |
| ମୋଟ | ୩୮୮୪ | ୪୧୫୧ | ୪୪୪୭ | ୪୬୩୬ | ୫୪୮୨ | ୫୬୪୯ |

ଡିଗ୍ରୀଧାରୀ ବେକାର ଯୁବତୀଯୁବକଙ୍କ ମଧ୍ୟରୁ କେତେଜଣ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା ପନ୍ଥା ଆପଣାଉଥିବା ନଜିର ରହୁଛି। ଏଭଳି ଅନେକ କାରଣରୁ ରାଜ୍ୟରେ ୨୦୧୬ରେ ୩୮୮୪, ୨୦୧୭ରେ ୪୧୫୧, ୨୦୧୮ରେ ୪୪୪୭, ୨୦୧୯ରେ ୪୬୩୬, ୨୦୨୦ରେ ୫୪୮୨ ଓ ୨୦୨୧ରେ ୫୬୪୯ ଜଣ ଆତ୍ମହତ୍ୟା କରିଥିବା ମାମଲା ରୁଜୁ ହୋଇଛି।

### ୧୬ ଜିଲାରେ...

କାର୍ଯ୍ୟାନୁଷ୍ଠାନ ବଦଳରେ ଅନୁକମ୍ପା ପ୍ରଦର୍ଶନ ହେଉଛି। ଫଳରେ ସରକାର ବିପୁଳ ପରିମାଣର ରାଜସ୍ୱ ହରାଉଥିବା ପ୍ରମାଣିତ ହେଉଛି।

ବିଧାନସଭା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀଙ୍କ ରିପୋର୍ଟ ଅନୁସାରେ ୨୦୧୫-୧୬ ବର୍ଷରେ ବାଲେଶ୍ୱର ଜିଲାରେ ୮,୦୯,୯୫୪ ଟଙ୍କା ଓ ସୁନ୍ଦରଗଡ଼ ଜିଲାରେ ୯,୦୭,୦୦୦ ଟଙ୍କା ଜରିମାନା ଆଦାୟ ହୋଇଥିଲା। ୨୦୧୬-୧୭ ବର୍ଷରେ ବାଲେଶ୍ୱର ଜିଲାରେ ୬,୭୩,୫୦୦ ଟଙ୍କା ଓ କଟକ ଜିଲାରେ ୩,୭୫,୦୦୦ ଟଙ୍କା ଜରିମାନା ଆଦାୟ ହୋଇଛି। ୨୦୧୭-୧୮ ବର୍ଷରେ ଅନୁଗୋଳ ଜିଲାରେ ୩,୩୧,୦୦୦ ଟଙ୍କା, ବାଲେଶ୍ୱର ଜିଲାରେ ୨୮,୪୩,୪୦୫ ଟଙ୍କା, କଟକ ଜିଲାରେ ୩,୫୦,୦୦୦ ଟଙ୍କା, ଝାରସୁଗୁଡା ଜିଲାରେ ୧ ଲକ୍ଷ ଟଙ୍କା, ସୁବର୍ଣ୍ଣପୁର ଜିଲାରେ ୭,୭୭,୨୩୦ ଟଙ୍କା ଓ ସୁନ୍ଦରଗଡ଼ ଜିଲାରେ ୧,୨୪,୨୨୦ ଟଙ୍କା ଜରିମାନା ଆଦାୟ ହୋଇଥିଲା। ଏହି ବର୍ଷ ଝାରସୁଗୁଡା ଜିଲାର ସୂର୍ଯ୍ୟପ୍ରକାଶ ବଡେଇ ଓ ଦୟାନିଧି ପ୍ରଧାନଙ୍କ ୨ଟି ବାଲି ଖାଦାନ ଲିଜ ରଦ୍ଦ ହୋଇଥିଲା। ୨୦୧୮-୧୯ ବର୍ଷରେ ବାଲେଶ୍ୱର ଜିଲାରେ ୩୫,୯୭,୨୬୦ ଟଙ୍କା, କଟକ ଜିଲାରେ ୨୮,୬୨,୬୧୬ ଟଙ୍କା ଓ ସୁନ୍ଦରଗଡ ଜିଲାରେ ୨୫ ହଜାର ଟଙ୍କା, ୨୦୧୯-୨୦ ବର୍ଷରେ ବାଲେଶ୍ୱର ଜିଲାରେ ୪୬,୮୩,୮୧୨ ଟଙ୍କା, କଟକ ଜିଲାରେ ୨୭,୩୪,୨୬୨ ଟଙ୍କା, ଝାରସୁଗୁଡ଼ା ଜିଲାରେ ୫୦,୦୦୦ ଟଙ୍କା, ମୟୂରଭଞ୍ଜ ଜିଲାରେ ୩୦,୦୦୦ ଟଙ୍କା, ନୟାଗଡ଼ ଜିଲାରେ ୫,୬୨,୬୫୩ ଟଙ୍କା, ସୁବର୍ଣ୍ଣପୁର ଜିଲାରେ ୧,୪୨,୧୮୨ ଟଙ୍କା ଓ ସୁନ୍ଦରଗଡ଼ ଜିଲାରେ ୨,୩୦,୯୦୦ ଟଙ୍କା, ୨୦୨୦-୨୧ରେ ବାଲେଶ୍ୱର ଜିଲାରେ ୧,୩୫,୦୯,୦୩୭ ଟଙ୍କା, କଟକ ଜିଲାରେ ୫,୮୦,୪୦୦ ଟଙ୍କା, ଗଞ୍ଜାମ ଜିଲାରେ ୪୮,୭୧,୦୬୦ ଟଙ୍କା, ଝାରସୁଗୁଡା ଜିଲାରେ ୧,୫୦,୦୦୦ ଟଙ୍କା, ମୟୂରଭଞ୍ଜ ଜିଲାରେ ୧,୩୨,୭୯,୭୦୬ ଟଙ୍କା, ନୟାଗଡ ଜିଲାରେ ୬୯,୮୦୯ ଟଙ୍କା, ସମ୍ବଲପୁର ଜିଲାରେ ୩,୭୨,୮୯,୧୫୯ ଟଙ୍କା ଓ ସୁନ୍ଦରଗଡ଼ ଜିଲାରେ ୧,୪୩,୭୭,୫୦୧ ଟଙ୍କା ଆଦାୟ ହୋଇଛି। ଚଳିତ ୨୦୨୧-୨୨ ବର୍ଷରେ ବାଲେଶ୍ୱର ଜିଲାରେ ୩,୮୪,୮୦,୮୫୪ ଟଙ୍କା, କଟକ ଜିଲାରେ ୧,୩୩,୦୦୦ ଟଙ୍କା, ଗଞ୍ଜାମ ଜିଲାରେ ୨୯,୮୦,୦୨୪ ଟଙ୍କା, କନ୍ଧମାଳ ଜିଲାରେ ୧୨,୫୦,୬୯୫ ଟଙ୍କା, ମୟୂରଭଞ୍ଜରେ ୨,୩୯,୪୦,୨୪୮ ଟଙ୍କା, ନୟାଗଡରେ ୩,୪୧,୨୩୫ ଟଙ୍କା, ରାୟଗଡ଼ାରେ ୬୮,୮୩,୧୮୦ ଟଙ୍କା, ସମ୍ବଲପୁରରେ ୧,୬୦,୫୨,୬୪୦ ଟଙ୍କା ଓ ସୁନ୍ଦରଗଡ ଜିଲାରେ ୧୦,୫୫,୦୦୦ ଟଙ୍କା ଜରିମାନା ଆଦାୟ ହୋଇଛି।

### ମୁଖ୍ୟମନ୍ତ୍ରୀ ବାୟୁ...

ଉଲ୍ଲେଖଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ ସମ୍ପ୍ରତି ରାଜ୍ୟର ୪ଟି ଆଦିବାସୀ ଅଧୁଷିତ ମାଲକାନଗିରି, କଳାହାଣ୍ଡି, ନବରଙ୍ଗପୁର ଓ ନୂଆପଡା ଜିଲାରେ କାର୍ଯ୍ୟକାରୀ କରାଯିବା ବ୍ୟବସ୍ଥା ରହିଛି। ପ୍ରଥମ ପର୍ଯ୍ୟାୟରେ ମାଲକାନଗିରି ଜିଲାରେ ଶେଷ ହେବା ପରେ ଏବେ ଏହା କଳାହାଣ୍ଡି ଜିଲାରେ ଆରମ୍ଭ ହୋଇଛି।

### ଆସାମ-ମେଘାଳୟ...

ଦୁଇଟି ରାଜ୍ୟ କାହିଁକି ପାରିବେ ନାହିଁ। ଏହା ଥିଲା କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟ।

ଏନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହା ଟୁଇଟ୍ କରି କହିଛନ୍ତି, ଆସାମ-ମେଘାଳୟ ମଧ୍ୟରେ ୫୦ ବର୍ଷ ଧରି ଲାଗିରହିଥିବା ସୀମା ବିବାଦର ସମାଧାନ ହୋଇଛି। ଆନ୍ତଃରାଜ୍ୟ ସୀମା ବିବାଦକୁ ଶେଷ କରିବା ଲାଗି ଚୁକ୍ତି ସ୍ୱାକ୍ଷର ଉତ୍ତର-ପୂର୍ବ ପାଇଁ ଏକ ଐତିହାସିକ ଦିନ। ବିବାଦର ୧୨ ବିନ୍ଦୁ ମଧ୍ୟରୁ ୬ଟିର ସମାଧାନ ହୋଇଛି, ଯହିଁରେ ସୀମା ସମ୍ପର୍କିତ ୭୦% ପ୍ରସଙ୍ଗ ରହିଛି। ଅନ୍ୟ ୬ଟି ବିନ୍ଦୁ ଉପରେ ଖୁବ୍ ଶୀଘ୍ର ସମାଧାନ ହେବ। ୨୦୧୯ରେ ତ୍ରିପୁରାର ସଶସ୍ତ୍ର ଗୋଷ୍ଠୀଙ୍କ ମଧ୍ୟରେ ଏକ ଚୁକ୍ତି ହୋଇଥିଲା। ୨୦୨୦ ଜାନୁୟାରୀ ୧୬ରେ ସ୍ୱାକ୍ଷରିତ ବ୍ରୁ ଚୁକ୍ତି ଯୋଗୁ ୩୪,୦୦୦ ଲୋକ ଲାଭାନ୍ୱିତ ହୋଇଛନ୍ତି। ୨୦୨୦ ଜାନୁୟାରୀ ୨୭ରେ ବୋଡୋ ଚୁକ୍ତି ସ୍ୱାକ୍ଷରିତ ହେବା ଫଳରେ ଆସାମର ସ୍ୱାର୍ଥହାନି ନ ଘଟି ୫୦ ବର୍ଷର ବିବାଦର ସମାଧାନ ହୋଇଥିଲା। ଏହା ପରେ ୨୦୨୧ ସେପ୍ଟେମ୍ବରରେ କାର୍ବି ଆଙ୍ଗ୍‌ଲୋଙ୍ଗ୍ ଚୁକ୍ତି ପରେ ଏବେ ଆସାମ-ମେଘାଳୟ ସୀମା ବିବାଦର ସମାଧାନ ପାଇଁ ଚୁକ୍ତି ସ୍ୱାକ୍ଷର ହୋଇଛି। ମୋଦି ସରକାର ଉତ୍ତର-ପୂର୍ବାଞ୍ଚଳର ସାମଗ୍ରିକ ବିକାଶ ପାଇଁ ପ୍ରୟାସ ଚଳାଇଥିବା ଶାହା କହିଛନ୍ତି।

### ଶ୍ରୀମନ୍ଦିର ସୁରକ୍ଷା...

ବିଭାଗୀୟ ମନ୍ତ୍ରୀଙ୍କୁ ଏହା ଉପରେ ଉତ୍ତର ଦେବା ପାଇଁ ବାଚସ୍ପତି ରୁଲିଂ ଦିଅନ୍ତୁ। ମନ୍ତ୍ରୀ ଉତ୍ତର ଦେଲେ ଲୋକଙ୍କ ମନରେ ଥିବା ସନ୍ଦେହ ଦୂର ହୋଇଯିବ।

ସେ ଏହା କହିବା ସହିତ ବାଚସ୍ପତିଙ୍କଠାରୁ ରୁଲିଂ ଦାବି କରି ନିଜ ଆସନରେ ଛିଡ଼ାହୋଇ ରହିଥିଲେ। ତେବେ ବାଚସ୍ପତି ଏ ପ୍ରସଙ୍ଗରେ ମତ ରଖିବେ ବୋଲି କହିଥିଲେ। ବାଚସ୍ପତିଙ୍କ ରୁଲିଂ ଦାବିରେ ଭାଜପା ସଦସ୍ୟମାନେ ଗୃହ ମଧ୍ୟଭାଗରେ ଆସି ହଟ୍ଟଗୋଳ କରିବାରୁ ବାଚସ୍ପତି ଗୃହକୁ ମୁଲତବୀ ଘୋଷଣା କରିଥିଲେ।


Office of Chief CSO-cum-District Manager
**ODISHA STATE CIVIL SUPPLIES CORPORATION LTD.**
District : Cuttack

**NOTICE INVITING TENDER**

Tender No. 1105 / Dt-28.03.2022
Cost of Tender Document :- Rs.5,900/- inclusive of GST for each UNIT.
Online tenders are invited from eligible bidders for selection and appointment of transport contractors for transportation of Paddy from Paddy Purchase Centres (PPC) to Rice Mills within district or outside the district within the State of Odisha.

| | | |
|---|---|---|
| 1 | Online availability of tender papers | From Date 29.03.2022, Downloadable from website : www.oscsc.in, www.foododisha.in & www.tendersodisha.gov.in |
| 2 | Date, time and venue for Pre-Bid Meeting | On dt. 31.03.2022 at 11.30 AM in the Office of Chief CSO-cum-District Manager, OSCSC Ltd., Cuttack |
| 3 | Last date and time for online submission of completed Tender Documents with enclosures | Through e-Procurement Portal www.tendersodisha.gov.in, Up to dt.12.04.2022 at 5.30 PM. |
| 4 | Date, time and venue for opening of Technical Bid by the Tender Committee | On dt.13.04.2022 at 11.30AM in the Office of Chief CSO-cum-District Manager, OSCSC Ltd., Cuttack |
| 5 | Date, Time and Venue for submission of original documents in support of scanned copies uploaded in the portal for verification. | On dt.13.04.2022 at 11.30 AM in the Office of Chief CSO-cum-District Manager, OSCSC Ltd., Cuttack |
| 6 | Date and time for opening of Financial Bid by the Tender Committee (Only of Technically Qualified Bidders) | To be announced after Technical Bid evaluation. |

N.B.-1 : If the office happens to be closed on the date of opening of tenders, the tenders will be opened on the next working day in the same time.

Sd/- Chief CSO-cum-District Manager,
OSCSC Ltd., Cuttack



ଭାରତୀୟ ରାଷ୍ଟ୍ରୀୟ ରାଜମାର୍ଗ ପ୍ରାଧିକରଣ
ପ୍ରକଳ୍ପ କାର୍ଯ୍ୟକାରିଣୀ ଏକକ, ସମ୍ବଲପୁର,
ସାରଳାକାନି ଛକ, ଏନଏଚ-୬, ଏସଟି. ଜନ୍ସ ସ୍କୁଲ ସାମନା,
ସାକ୍ଷୀପଡା ରୋଡ, ସମ୍ବଲପୁର, ଓଡ଼ିଶା-୭୬୮୦୦୬
NHAI
भारतमाला
प्रगति के पथ पर अग्रसर

11040/NHAI PIU/SBP/JSG-KNTR/TOLL/319/2022 Date : 28.03.2022

ସର୍ବସାଧାରଣ ବିଜ୍ଞପ୍ତି

ଓଡ଼ିଶା ରାଜ୍ୟର ଏନଏଚ-୪୯ ( ପୁରୁଣା ଏନଏଚ୨୦୦)ରେ କିମି ୧୯୭.୩୦୦ ଠାରୁ କିମି ୨୬୫.୩୦୦ କନକତୋରା-ଝାରସୁଗୁଡ଼ା ସେକ୍ସନର କିମି ୬୨.୧୦୦ ରେ ବ୍ରଜରାଜନଗର ଫି ପ୍ଲାଜା ଲାଗି ୨୦୨୨-୨୩ ପାଇଁ ୟୁଜର ଫି ମୂଲ୍ୟରେ ସଂଶୋଧନ ୧.୦୪.୨୦୨୨ଠାରୁ କାର୍ଯ୍ୟକାରୀ ହେବ। (ଟଙ୍କାରେ)

| ଯାନର ପ୍ରକାର | ଏକତରଫା ଯାତ୍ରା ନିମନ୍ତେ ଦେୟ | ଗୋଟିଏ ଦିନ ମଧ୍ୟରେ ପ୍ରତ୍ୟାବର୍ତ୍ତନ ଯାତ୍ରା ପାଇଁ ଦେୟ | ଗୋଟିଏ ମାସରେ ୫୦ଟି ଏକକ ଯାତ୍ରା ପାଇଁ ମାସିକ ପାସ୍ ପାଇଁ ଦେୟ | ଫି ପ୍ଲାଜା ଜିଲ୍ଲା ମଧ୍ୟରେ ପଞ୍ଜୀକୃତ ବାଣିଜ୍ୟକ ଯାନ ଗୁଡ଼ିକ ପାଇଁ ଏକକ ଯାତ୍ରା ପାଇଁ ଦେୟ |
|---|---|---|---|---|
| କାର, ଜିପ୍, ଭ୍ୟାନ୍ କିମ୍ବା ଲଘୁ ଯାନ | 55 | 85 | 1880 | 30 |
| ଲଘୁ ବ୍ୟବସାୟିକ ଯାନ, ଲଘୁ ମାଲ ପରିବହନ ଯାନ କିମ୍ବା ମିନି ବସ | 90 | 135 | 3035 | 45 |
| ବସ କିମ୍ବା ଟ୍ରକ (୨ ଅଖ) | 190 | 285 | 6365 | 95 |
| ବାଣିଜ୍ୟିକ ଯାନ (୩ ଅଖ) | 210 | 310 | 6940 | 105 |
| ଭାରି ନିର୍ମାଣ କାର୍ଯ୍ୟରେ ଯନ୍ତ୍ରପାତି, ଆର୍ଥ ମୁଭିଂ ମେସିନାରୀ କିମ୍ବା ମଲ୍ଟି ଏକ୍ସଲ୍ ଯାନ (୪ ରୁ ୬ ଅଖ) | 300 | 450 | 9980 | 150 |
| ଅତିବୃହତ ଯାନ (୭ କିମ୍ବା ତଦୁର୍ଦ୍ଧ ଅଖ) | 365 | 545 | 12145 | 180 |

କଥିତ ନିୟମ ବ୍ୟବସ୍ଥା ଅନୁସାରେ ପ୍ରତ୍ୟେକ ବର୍ଷ ସଂଶୋଧନ ବିଷୟ ଉପରେ ନିର୍ଭର କରି ୨୦୨୨-୨୩ ବର୍ଷ ଲାଗି ଉପରୋକ୍ତ ଟୋଲ ପ୍ଲାଜାଠାରୁ ୨୦ କିମି ଦୂରତା ମଧ୍ୟରେ ରହୁଥିବା ସ୍ଥାନୀୟ ଅଣ ବାଣିଜ୍ୟିକ ଯାନଗୁଡ଼ିକ ପାଇଁ ପ୍ରଯୁଜ୍ୟ ମାସିକ ପାସ ଦର ରହିବ ଟ.୩୧୫.୦୦ । ଫୋନ-(୦୬୬୩)୨୫୪୮ ୯୬୬, ଇମେଲ: piusambalpur@nhai.org, nhaisambalpur@gmail.com
ସ୍ୱା/- ପ୍ରକଳ୍ପ ନିର୍ଦ୍ଦେଶକ

କେବଳ ସଡ଼କ ନୁହେଁ, ରାଷ୍ଟ୍ରର ନିର୍ମାଣ ମଧ୍ୟ



ଭାରତୀୟ ରାଷ୍ଟ୍ରୀୟ ରାଜମାର୍ଗ ପ୍ରାଧିକରଣ
ପ୍ରକଳ୍ପ କାର୍ଯ୍ୟକାରିଣୀ ଏକକ, ସମ୍ବଲପୁର,
ସାରଳାକାନି ଛକ, ଏନଏଚ-୬, ଏସଟି. ଜନ୍ସ ସ୍କୁଲ ସାମନା,
ସାକ୍ଷୀପଡା ରୋଡ, ସମ୍ବଲପୁର, ଓଡ଼ିଶା-୭୬୮୦୦୬
NHAI
भारतमाला
प्रगति के पथ पर अग्रसर

11040/NHAI PIU/SBP/NH-57(0TO45.750)/TOLL/320/2022 Date : 28.03.2022

ସର୍ବସାଧାରଣ ବିଜ୍ଞପ୍ତି

ଭାରତ ସରକାରଙ୍କ, ରାଜପତ୍ର ବିଜ୍ଞପ୍ତି ସଂଖ୍ୟା ଏସ.ଓ ୪୪୨୩ (ଇ) ତା.୦୭.୧୨.୨୦୨୦ ଓଡ଼ିଶା ରାଜ୍ୟର ଏନଏଚ-୫୭ ରେ କିମି ୦.୦୦ ଠାରୁ କିମି ୪୫.୭୫୦ ର ଓଡ଼ିଶାର ବଲାଙ୍ଗିର ଜିଲ୍ଲାରେ ବଲାଙ୍ଗିର ସୋନପୁର ସେକ୍ସନର ବଲାଙ୍ଗିର ଟାଉନ ନିକଟରେ ସିଏଚ.୧୫.୨୫୦ରେ ନେଟ ସଡ଼କ ଲମ୍ବ ୪୫.୭୫୦ କିମି ପାଇଁ ୟୁଜର ଫି ମୂଲ୍ୟର ପ୍ରାରମ୍ଭିକ ମୂଲ୍ୟ ନିର୍ଦ୍ଧାରଣ ନିମ୍ନ ଲିଖିତ ମୂଲ୍ୟ ପ୍ରକାରେ ତା ୦୧.୦୪.୨୦୨୨ର ସକାଳ ୦୮.୦୦ଘ ଠାରୁ କାର୍ଯ୍ୟକାରୀ ହେବ। ଏହି ଅନୁଯାୟୀ ୟୁଜର ଫି ସଂଗ୍ରହ ତା ୦୧.୦୪.୨୦୨୨ର ସକାଳ ୦୮.୦୦ଘ ଠାରୁ ଆରମ୍ଭ ହେବ। (ଟଙ୍କାରେ)

| ଯାନର ପ୍ରକାର | ଏକତରଫା ଯାତ୍ରା ନିମନ୍ତେ ଦେୟ | ଗୋଟିଏ ଦିନ ମଧ୍ୟରେ ପ୍ରତ୍ୟାବର୍ତ୍ତନ ଯାତ୍ରା ପାଇଁ ଦେୟ | ଗୋଟିଏ ମାସରେ ୫୦ଟି ଏକକ ଯାତ୍ରା ପାଇଁ ମାସିକ ପାସ୍ ପାଇଁ ଦେୟ | ଫି ପ୍ଲାଜା ଜିଲ୍ଲା ମଧ୍ୟରେ ପଞ୍ଜୀକୃତ ବାଣିଜ୍ୟକ ଯାନ ଗୁଡ଼ିକ ପାଇଁ ଏକକ ଯାତ୍ରା ପାଇଁ ଦେୟ |
|---|---|---|---|---|
| କାର, ଜିପ୍, ଭ୍ୟାନ୍ କିମ୍ବା ଲଘୁ ଯାନ | 35 | 55 | 1245 | 20 |
| ଲଘୁ ବ୍ୟବସାୟିକ ଯାନ, ଲଘୁ ମାଲ ପରିବହନ ଯାନ କିମ୍ବା ମିନି ବସ | 60 | 90 | 2010 | 30 |
| ବସ କିମ୍ବା ଟ୍ରକ (୨ ଅଖ) | 125 | 190 | 4215 | 65 |
| ବାଣିଜ୍ୟିକ ଯାନ (୩ ଅଖ) | 140 | 205 | 4600 | 70 |
| ଭାରି ନିର୍ମାଣ କାର୍ଯ୍ୟରେ ଯନ୍ତ୍ରପାତି, ଆର୍ଥ ମୁଭିଂ ମେସିନାରୀ କିମ୍ବା ମଲ୍ଟି ଏକ୍ସଲ୍ ଯାନ (୪ ରୁ ୬ ଅଖ) | 200 | 295 | 6610 | 100 |
| ଅତି ବୃହତ ଯାନ (୭ କିମ୍ବା ତଦୁର୍ଦ୍ଧ ଅଖ) | 240 | 360 | 8045 | 120 |

ଉପରୋକ୍ତ ଟୋଲ୍ ପ୍ଲାଜା ଠାରୁ ୨୦ କି.ମି. ଦୂରତ୍ୱ ମଧ୍ୟରେ ରହୁଥିବା ସ୍ଥାନୀୟ ଅଣ-ବ୍ୟବସାୟିକ ଗାଡ଼ିଗୁଡ଼ିକ ପାଇଁ ପ୍ରୟୋଗଯୋଗ୍ୟ ମାସିକ ପାସ୍‌ର ମୂଲ୍ୟ ୨୦୨୨-୨୩ ବର୍ଷ ପାଇଁ ଟ.୩୧୫.୦୦ ହେବ, ଯାହାକୁ ପ୍ରତିବର୍ଷ କଥିତ ନିୟମ ଅନୁଯାୟୀ ସଂଶୋଧନ କରାଯିବ। ସବୁ ଗାଡ଼ି ଗୁଡ଼ିକ ପାଇଁ ଫାଷ୍ଟ ଟ୍ୟାଗ ବାଧ୍ୟତାମୂଳକ ହୋଇଥିବାରୁ ସମସ୍ତ ୟୁଜରମାନଙ୍କୁ ଫାଷ୍ଟଟ୍ୟାଗ କ୍ରୟ କରିବାକୁ ଅନୁରୋଧ କରାଯାଉଛି। ଫୋନ:(୦୬୬୩)୨୫୪୮୯୬୬, ଇମେଲ୍: piusambalpur@nhai.org, nhaisambalpur@gmail.com
ସ୍ୱା/- ପ୍ରକଳ୍ପ ନିର୍ଦ୍ଦେଶକ

କେବଳ ସଡ଼କ ନୁହେଁ, ରାଷ୍ଟ୍ରର ନିର୍ମାଣ ମଧ୍ୟ



ଭାରତୀୟ ରାଷ୍ଟ୍ରୀୟ ରାଜମାର୍ଗ ପ୍ରାଧିକରଣ
ପ୍ରକଳ୍ପ କାର୍ଯ୍ୟକାରିଣୀ ଏକକ, ସମ୍ବଲପୁର,
ସାରଳାକାନି ଛକ, ଏନଏଚ-୬, ଏସଟି. ଜନ୍ସ ସ୍କୁଲ ସାମନା,
ସାକ୍ଷୀପଡା ରୋଡ, ସମ୍ବଲପୁର, ଓଡ଼ିଶା-୭୬୮୦୦୬
NHAI
भारतमाला
प्रगति के पथ पर अग्रसर

11040/NHAI PIU/SBP/NH-57(140.900 to 224.900)/TOLL/321/2022 Date : 28.03.2022

ସର୍ବସାଧାରଣ ବିଜ୍ଞପ୍ତି

ଭାରତ ସରକାର, ରାଜପତ୍ର ବିଜ୍ଞପ୍ତି ଏସ.ଓ ୩୬୩୭ (ଇ) ତା ୧୬.୧୦.୨୦୨୦ ଓଡ଼ିଶା ରାଜ୍ୟର ଏନଏଚ-୫୭ରେ କିମି ୧୪୦.୯୦୦ଠାରୁ କିମି ୨୨୪.୧୮୦ରେ ଅହେନିଗଡ଼ା- ମାଇଛେଳି ସେକ୍ସନରେ ନୟାଗଡ଼ ଜିଲ୍ଲାରେ ରଙ୍ଗମାଟିଆ ଗ୍ରାମ ନିକଟ ସିଏଚ ୧୯୦.୦୫୦ ଫି ପ୍ଲାଜାର ୟୁଜର ଫି ମୂଲ୍ୟର ପ୍ରାରମ୍ଭିକ ମୂଲ୍ୟ ନିର୍ଦ୍ଧାରଣ ନିମ୍ନ ଲିଖିତ ମୂଲ୍ୟ ପ୍ରକାରେ ନେଟ ରୋଡ ଲମ୍ବ ୮୩.୮୦୦କିମି ପାଇଁ ତା ୦୧.୦୪.୨୦୨୨ର ସକାଳ ୦୮.୦୦ଘ ଠାରୁ ନିମ୍ନ ପ୍ରକାରେ କାର୍ଯ୍ୟକାରୀ ହେବ। ଏହି ଅନୁଯାୟୀ ୟୁଜର ଫି ସଂଗ୍ରହ ତା ୦୧.୦୪.୨୦୨୨ର ସକାଳ ୦୮.୦୦ଘ ଠାରୁ ଆରମ୍ଭ ହେବ। (ଟଙ୍କାରେ)

| ଯାନର ପ୍ରକାର | ଏକତରଫା ଯାତ୍ରା ନିମନ୍ତେ ଦେୟ | ଗୋଟିଏ ଦିନ ମଧ୍ୟରେ ପ୍ରତ୍ୟାବର୍ତ୍ତନ ଯାତ୍ରା ପାଇଁ ଦେୟ | ଗୋଟିଏ ମାସରେ ୫୦ଟି ଏକକ ଯାତ୍ରା ପାଇଁ ମାସିକ ପାସ୍ ପାଇଁ ଦେୟ | ଫି ପ୍ଲାଜା ଜିଲ୍ଲା ମଧ୍ୟରେ ପଞ୍ଜୀକୃତ ବାଣିଜ୍ୟକ ଯାନ ଗୁଡ଼ିକ ପାଇଁ ଏକକ ଯାତ୍ରା ପାଇଁ ଦେୟ |
|---|---|---|---|---|
| କାର, ଜିପ୍, ଭ୍ୟାନ୍ କିମ୍ବା ଲଘୁ ଯାନ | 70 | 100 | 2265 | 35 |
| ଲଘୁ ବ୍ୟବସାୟିକ ଯାନ, ଲଘୁ ମାଲ ପରିବହନ ଯାନ କିମ୍ବା ମିନି ବସ | 110 | 165 | 3660 | 55 |
| ବସ କିମ୍ବା ଟ୍ରକ (୨ ଅଖ) | 230 | 345 | 7675 | 115 |
| ବାଣିଜ୍ୟିକ ଯାନ (୩ ଅଖ) | 250 | 375 | 8370 | 125 |
| ଭାରି ନିର୍ମାଣ କାର୍ଯ୍ୟରେ ଯନ୍ତ୍ରପାତି, ଆର୍ଥ ମୁଭିଂ ମେସିନାରୀ କିମ୍ବା ମଲ୍ଟି ଏକ୍ସଲ୍ ଯାନ (୪ ରୁ ୬ ଅଖ) | 360 | 540 | 12035 | 180 |
| ଅତି ବୃହତ ଯାନ (୭ କିମ୍ବା ତଦୁର୍ଦ୍ଧ ଅଖ) | 440 | 660 | 14650 | 220 |

ଉପରୋକ୍ତ ଟୋଲ୍ ପ୍ଲାଜା ଠାରୁ ୨୦ କି.ମି. ଦୂରତ୍ୱ ମଧ୍ୟରେ ରହୁଥିବା ସ୍ଥାନୀୟ ଅଣ-ବ୍ୟବସାୟିକ ଗାଡ଼ିଗୁଡ଼ିକ ପାଇଁ ପ୍ରୟୋଗଯୋଗ୍ୟ ମାସିକ ପାସ୍‌ର ମୂଲ୍ୟ ୨୦୨୨-୨୩ ବର୍ଷ ପାଇଁ ଟ.୩୧୫.୦୦ ହେବ, ଯାହାକୁ ପ୍ରତିବର୍ଷ କଥିତ ନିୟମ ଅନୁଯାୟୀ ସଂଶୋଧନ କରାଯିବ। ସବୁ ଗାଡ଼ି ଗୁଡ଼ିକ ପାଇଁ ଫାଷ୍ଟ ଟ୍ୟାଗ ବାଧ୍ୟତାମୂଳକ ହୋଇଥିବାରୁ ସମସ୍ତ ୟୁଜରମାନଙ୍କୁ ଫାଷ୍ଟଟ୍ୟାଗ କ୍ରୟ କରିବାକୁ ଅନୁରୋଧ କରାଯାଉଛି। ଫୋନ:(୦୬୬୩)୨୫୪୮୯୬୬, ଇମେଲ୍: piusambalpur@nhai.org, nhaisambalpur@gmail.com
ସ୍ୱା/- ପ୍ରକଳ୍ପ ନିର୍ଦ୍ଦେଶକ

କେବଳ ସଡ଼କ ନୁହେଁ, ରାଷ୍ଟ୍ରର ନିର୍ମାଣ ମଧ୍ୟ

